بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

ବଦର୍

Weekly BADAR Qadian Odia

କାଦିଆନ

ସଂଖ୍ୟା: 35

ବାର୍ଷିକ ଦେୟ : ୬୦୦/-

www.akhbarbadr.in

13 ସିଫର୍ 1445 ହି.କ, 31 ଜହୁର୍ 1402 ହି.ଶ 31 Aug 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَالَّذِیۡنَ اٰمَنُوۡا بِاللّٰہِ وَرُسُلِہٖ وَلَمۡ یُفَرِّقُوۡا بَیۡنَ اَحَدٍ مِّنۡہُمۡ اُولٰٓئِکَ سَوۡفَ یُؤۡتِیۡہِمۡ اُجُوۡرَہُمۡ

(ଅନ୍ ନିସା-153)

ଅନୁବାଦ : ଏବଂ ଯେଉଁମାନେ ଅଲ୍ଲାଃତାଲା ଓ ତାହାଙ୍କର ସମସ୍ତ ରସୁଲଙ୍କ ଉପରେ ବିଶ୍ୱାସ କରି-ଛନ୍ତି ଏବଂ ସେମାନେ ସେମାନଙ୍କ (ରସୁଲଙ୍କ)। ମଧ୍ୟରେ କୌଣସି ପାର୍ଥକ୍ୟ ସୃଷ୍ଟି କରି ନାହାନ୍ତି ସେ ଲୋକମାନେ ଏପରି ଅଟନ୍ତି ଯେ, ସେ ଅଲ୍ଲାଃ ସେମାନଙ୍କୁ ଶୀଘ୍ର ସେ-ମାନଙ୍କର ପୁରସ୍କାର ଦେବେ ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ଋଣର କିଛି ଅଂଶ ଛାଡ଼ କରିଦେବା ।

(2418) ହ. କାଆବ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ସେ ହ. ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ହଦରଦ୍[ର.ଅ]ଙ୍କୁ ନିଜର ଋଣ ପରିଶୋଧ କରିବାକୁ କହିଲେ । ଏହି ଦୁହିଁଙ୍କର ସ୍ୱର ଏତେ ଉଚ୍ଚ ହୋଇଗଲା ଯେ, ରସୁଲୁଲ୍ଲାଃ ସ.ଅ ସେହି ସ୍ୱରକୁ ମଧ୍ୟ ଶୁଣିନେଲେ । କିନ୍ତୁ ଆପଣ[ସ.ଅ] ସେତେବେଳେ ନିଜ ଘରେ ଥିଲେ । ସୁତରାଂ ଆଁହଜରତ[ସ.ଅ] ସେମାନଙ୍କ ନିକଟକୁ ଆସିଲେ ଓ ନିଜ କୋଠରୀର ପରଦା ଉଠାଇ ଡାକ ମାରିଲେ । ହେ କାଆବ୍ ! ସେ କହିଲେ: ଆଜ୍ଞା ହେ ରସୁଲୁଲ୍ଲାଃ[ସ.ଅ] ! ମୁଁ ଉପସ୍ଥିତ ଅଛି । ଆପଣ[ସ.ଅ] କହିଲେ, ତୁମେ ନିଜର ଋଣରୁ ସେତିକି ଅର୍ଥ ଛାଡ଼ କରିଦିଅ ଏବଂ ଆପଣ[ସ.ଅ] ତାଙ୍କୁ ଇଙ୍ଗିତ କରି କହିଲେ ଯେ, ଏତିକି ଅର୍ଥ ଛାଡ଼ କରିଦିଅ ଅର୍ଥାତ ଅଧା ଋଣ । ହ. କାଆବ୍[ର.ଅ] କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଛାଡ଼ କରିଦେଲି । ତେବେ ଆପଣ[ସ.ଅ] ହ. ଅବଦୁଲ୍ଲାଃ[ର.ଅ]ଙ୍କୁ କହିଲେ: ଚାଲ ଉଠ ଓ ତାଙ୍କର ଋଣ ପରିଶୋଧ କରିଦିଅ ।

### ନମାଜ୍ ବାଜମାଅତ୍ (ସାମୂହିକ ନମାଜ)ର ମହତ୍ତ୍ୱ

**(2420)** ହ. ଅବୁ ହୁରୈରାହ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍[ସ.ଅ] କହିଲେ: ମୁଁ ଏହି ଇଚ୍ଛା ପ୍ରକାଶ କରିବାକୁ ଲାଗିଥିଲି ଯେ, ନମାଜ ପଢିବାର ଆଦେଶ ଦେବି ଓ ନମାଜ ଆରମ୍ଭ କରାଯାଉ । ପୁନଶ୍ଚ ଏହାପରେ ଏମିତିଆ ଲୋକଙ୍କ ଘରକୁ ଯିବି ଯିଏ ନମାଜରେ ଉପସ୍ଥିତ ହେଉ ନାହାନ୍ତି । ସେହି ସୁସୁପ୍ତ ବା ନିଦ୍ରାବସ୍ଥାରେ ଥିବା ଲୋକୋମାନେ ନିଜ ଘର ଭିତରେ ଥିବେ ଓ ମୁଁ ବାହାର ପଟୁ ସେମାନଙ୍କ ଘରକୁ ଅଗ୍ନୀ ସଂଯୋଗ କରିଦେବି ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ଖୁସୁମାତ୍, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

### ପ୍ରତିଶୃତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ମୃତକମାନଙ୍କୁ ସାହାଯ୍ୟ ଭିକ୍ଷା କରିବା ସଂକ୍ରାନ୍ତରେ ଅଲ୍ଲାଃତାଲା କେଉଁଠି ବି ଚର୍ଚ୍ଚା କରି ନାହାନ୍ତି । ଯେଉଁ ବ୍ୟକ୍ତି ସେହି ଚିରଞ୍ଜିବ ଓ ଜୀବନ୍ତ ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ଇଛୁକ ତେବେ ସେ ଜୀବିତ ବ୍ୟକ୍ତି (ଅର୍ଥାତ ଅବତାର ଓ ସନ୍ଥମାନଙ୍କୁ)ଙ୍କୁ ସନ୍ଧାନ କରୁ । କାରଣ ଆମର ପ୍ରଭୁ ହେଉଛନ୍ତି ଜୀବନ୍ତ ପ୍ରଭୁ । ସେ କେବେ ବି ମୃତ୍ୟୁ ବରଣ କରିବେ ନାହିଁ । ଯେଉଁମାନଙ୍କର ଈଶ୍ୱର ମୃତ, ଯେଉଁମାନଙ୍କର ଧର୍ମ ଗ୍ରନ୍ଥ ମୃତ ଓ ଯେଉଁମାନେ ମୃତ ବ୍ୟକ୍ତିମାନଙ୍କ ଠାରୁ ତଥା ମୃତ ଈଶ୍ୱରଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିବାକୁ ଆଶା କରୁଛନ୍ତି ତେବେ ତହିଁରେ ଆଶ୍ଚର୍ଯ୍ୟ ପ୍ରକାଶ କରିବାର କିଛି ମାନେ ନାହିଁ ।**

ସମସ୍ତ କଥାର ସାରମର୍ମ ଏହିକି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କେଉଁଠାରେ ବି ମୃତ ବ୍ୟକ୍ତିଙ୍କ ନିକଟକୁ ଯିବା ନିମନ୍ତେ ବିଶ୍ୱାସକାରୀ ଓ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇ ନାହାନ୍ତି । ବରଂ ଜୀବିତ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କିରବା ନିମନ୍ତେ ଆଦେଶ ଦେଇଛନ୍ତି । ଅଲ୍ଲାଃତାଲା ଅତ୍ୟନ୍ତ କୃପା କଲେ ଯେ, ସେ ଇସ୍‌ଲାମ୍ ଧର୍ମକୁ ଜୀବିତମାନଙ୍କୁ ହସ୍ତାନ୍ତର କଲେ । ତେଣୁ ଅଲ୍ଲାଃତାଲା ଯଦି ଇସ୍‌ଲାମ୍ ଧର୍ମର ଦାୟିତ୍ୱକୁ ମୃତକ ମାନଙ୍କ ଉପରେ ନ୍ୟସ୍ତ କରିଥାଆନ୍ତେ ତେବେ ଜଣା ନାହିଁ କି ବିପତ୍ତି ଆସିଥାଆନ୍ତା ? ମୃତକମାନଙ୍କର କବର କ'ଣ ସ୍ୱଳ୍ପ ରହିଛି ? କ'ଣ ମୁଲତାନ୍‌ରେ ସ୍ୱଳ୍ପ ସଂଖ୍ୟକ କବର ରହିଛି ? "گردو گرما گدا و گورستان" ସଂପର୍କରେ ବିଖ୍ୟାତ ରହିଛି। ମୁଁ ବି ଦିନେ ମୁଲ୍‌ତାନ୍ ଗଲି । ଯେଉଁଠି କୌଣସି ବ୍ୟକ୍ତିଙ୍କ କବର ନିକଟକୁ ଗଲେ କବରର ସେବକମାନେ ବସ୍ତ୍ର ଓହ୍ଲାଇବା ପାଇଁ ଏକତ୍ରିତ ହୋଇଯାଆନ୍ତି । ପାକ୍ ପଟନ୍ ଠାରେ ମୃତକମାନଙ୍କର କୃପାରୁ ଦେଖିନିଅ ଯେ, ସେଠାରେ କ'ଣ ଚାଲିଛି ? ଆଜମେର୍‌କୁ ଯାଇ ଦେଖ, ସେଠାରେ ବିଦ୍‌ଆତ୍ (ନୂତନ ଆହୃତ ରୀତି) କଥନିକାର ପରିବେଶ ଉତ୍ତପ୍ତ ହୋଇଯାଇଛି । ସୁତରାଂ ତୁମେମାନେ ଯଦି ମୃତକମାନଙ୍କୁ ଅବଲୋକନ କରିବ ତେବେ ତୁମେମାନେ ସେମାନଙ୍କ ଠାରେ କେବଳ ବିଦ୍‌ଆତ୍ ଓ ଅବୈଧ କୃତ୍ୟ ବ୍ୟତୀତ ଅନ୍ୟ କିଛି ଦେଖିବାକୁ ପାଇବ ନାହିଁ । ଅଲ୍ଲାଃତାଲା ଯେଉଁ ସଳଖ ମାର୍ଗ ନିର୍ଦ୍ଧାରିତ କରିଛନ୍ତି ତାହା ହେଉଛି ଜୀବିତ ବ୍ୟକ୍ତିମାନଙ୍କର ମାର୍ଗ ନା କି ମୃତକମାନଙ୍କର ମାର୍ଗ। ସୁତରାଂ ଯେଉଁ ବ୍ୟକ୍ତି ଏହି ଅଭିଳାଷା କରେ ଯେ, ତା'କୁ ଈଶ୍ୱର ପ୍ରାପ୍ତି ହେଉ ଓ ଚିରଞ୍ଜିବ ଓ ଜୀବନ୍ତ ଈଶ୍ୱର ତା'କୁ ପ୍ରାପ୍ତ ହୁଅନ୍ତୁ ତେବେ ସେହି ବ୍ୟକ୍ତି ଜୀବିତ ବ୍ୟକ୍ତିମାନଙ୍କୁ ସନ୍ଧାନ କରୁ । କାରଣ ଆମର ଈଶ୍ୱର ହେଉଛନ୍ତି ଜୀବନ୍ତ ଈଶ୍ୱର୍ ନା କି ମୃତ । ଯେଉଁମାନଙ୍କର ଈଶ୍ୱର ମୃତ, ଯେଉଁମାନଙ୍କର ଧର୍ମ ଗ୍ରନ୍ଥ ମୃତ ଓ ଯେଉଁମାନେ ମୃତ ବ୍ୟକ୍ତିମାନଙ୍କ ଠାରୁ ତଥା ମୃତ ଈଶ୍ୱରଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ତହିଁରେ ଆଶ୍ଚର୍ଯ୍ୟ ପ୍ରକାଶ କରିବାର କିଛି ମାନେ ନାହିଁ । କିନ୍ତୁ ଯଦି ଜଣେ ପ୍ରକୃତ ମୁସଲମାନ ଯାହାର ପ୍ରଭୁ ହେଉଛନ୍ତି ଜୀବନ୍ତ ପ୍ରଭୁ, ଯାହାର ଅବତାର ହେଉଛନ୍ତି ଜୀବନ୍ତ ଅବତାର, ଯାହାର ଧର୍ମଗ୍ରନ୍ଥ ହେଉଛନ୍ତି ଜୀବନ୍ତ ଧର୍ମଗ୍ରନ୍ଥ ଏବଂ ଯେଉଁ ଧର୍ମରେ ସର୍ବଦା ଜୀବନ୍ତ ସାଧୁ ସନ୍ଥମାନଙ୍କର ପରମ୍ପରା ଆରମ୍ଭ ହେଲା ଓ ପ୍ରତ୍ୟେକ ଯୁଗରେ ଜଣେ ଜଣେ ଜୀବିତ ବ୍ୟକ୍ତି ଜୀବନ୍ତ ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ସୃଷ୍ଟି କରାଇବାକୁ ଏହି ମର୍ତ୍ତ୍ୟମଣ୍ଡଳକୁ ଆସିଥାଆନ୍ତି । ତେବେ ଜଣେ ବ୍ୟକ୍ତି ଜୀବିତ ସାଧୁ ସନ୍ଥ ଓ ଜୀବନ୍ତ ପ୍ରଭୁଙ୍କୁ ଛାଡ଼ି ଅନ୍ୟ ଗଳିତ ଅସ୍ଥି ଓ କବରର ସନ୍ଧାନରେ ଘୁରିବୁଲେ ତେବେ ତହିଁରେ ଆଶ୍ଚର୍ଯ୍ୟ ପ୍ରକାଶ କରିବାର କିଛି ମାନେ ନାହିଁ ।

## (ସର୍ବଦା ଜୀବିତ ବ୍ୟକ୍ତିମାନଙ୍କର ସାହଚର୍ଯ୍ୟତ୍ୱ ସନ୍ଧାନ କର)

ଅତଏବ ତୁମମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ତୁମେମାନେ ସର୍ବଦା ଜୀବିତ ବ୍ୟକ୍ତିମାନଙ୍କର ସାହଚର୍ଯ୍ୟତ୍ୱ ସନ୍ଧାନ କର ଓ ବାରମ୍ବାର ଯାଇ ସେହି ସାଧୁ ସନ୍ଥମାନଙ୍କ ଗହଣରେ ବସ । ହଁ ମୁଁ ଏହା ମଧ୍ୟ କହିଥାଏ ଯେ, ଥରେ କିମ୍ବା ଦୁଇ ଥରରେ ତୁମ ଉପରେ ସେହି ସାଧୁ ସନ୍ଥଙ୍କର ସୁପ୍ରଭାବ ପଡ଼ି ନଥାଏ ବରଂ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହି ଆସିଛି ଯେ, ଉନ୍ନତି ସର୍ବଦା କ୍ରମ ଅନୁଯାୟୀ ହିଁ ହୋଇଥାଏ । ଯେପରିକି ରସୁଲୁଲ୍ଲାଃ ସ.ଅଙ୍କ କ୍ଷେତ୍ରରେ କ୍ରମ ଅନୁଯାୟୀ ଉନ୍ନତି ହୋଇଥିଲା । ଅର୍ଥାତ ଯେଉଁ ସଂପ୍ରଦାୟଟି ଅବତାରତ୍ୱ ଅନୁଯାୟୀ ସ୍ଥାପିତ ହେବ ତହିଁରେ କ୍ରମାନୁଯାୟୀ ଉନ୍ନତିର ନିୟମ ଲାଗୁ ହୋଇଥାଏ । ଅତଃ ତୁମ ପକ୍ଷେ ଏହା ଉଚିତ୍ ଯେ, ତୁମେମାନେ ସାହାବାମାନଙ୍କ ପରି ନିଜର ବାଣିଜ୍ୟ ବ୍ୟବସାୟ ପରିତ୍ୟାଗ କରିଦେଇ ଏଠାରେ (ଅର୍ଥାତ କାଦିଆନ୍) ଆସି ବାରମ୍ବାର କିଛି କାଳ ପର୍ଯ୍ୟନ୍ତ ସାଧୁଜନଙ୍କ ମେଳରେ ରୁହ । କାରଣ ସାହାବାମାନେ ଯାହା ଅବଲୋକନ କରିଥିଲେ ତୁମେମାନେ ତାହା ଅବଲୋକନ କରିବ ଏବଂ ହ. ଅବୁ ବକର[ର.ଅ], ଉମର୍[ର.ଅ], ଓ ଅନ୍ୟାନ୍ୟ ସାହାବାମାନେ ଯେଉଁ ମର୍ଯ୍ୟାଦା ପାଇଥିଲେ ତାହା ତୁମେମାନଙ୍କୁ ମଧ୍ୟ ପ୍ରାପ୍ତ ହେବ ।

**(ମଲ୍‌ଫୁଜାତ୍ ଭାଗ-1, ପୃ-462, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ-କାଦିଆନ୍)**

**ଆଁହଜରତ[ସ.ଅ] କହିଲେ, ନମାଜ ହେଉଛି ନିଜ ପରମେଶ୍ୱରଙ୍କର ଏକ ସାକ୍ଷାତ୍ । ପରମେଶ୍ୱରଙ୍କ ସାକ୍ଷାତ୍ ହେଉଛି ଏକ ପୁରସ୍କାର । ସୁତରାଂ କୌଣସି ବୁଦ୍ଧିମାନ ବ୍ୟକ୍ତି ନିଜର ପ୍ରିୟତମର ସାକ୍ଷାତ୍‌କୁ ଜୋରିମାନା ବୋଲି ଭାବିବ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ବନି ଇସ୍ରାଇଲ୍‌ର ୫୦ ନଂ ଆୟତ୍ وَمِنَ الَّيۡلِ فَتَهَجَّدۡ بِهٖ نَافِلَةً لَّكَ ۖ عَسٰۤى اَنۡ يَّبۡعَثَكَ رَبُّكَ مَقَامًا مَّحۡمُوۡدًا ର ବ୍ୟଖ୍ୟା କରି କୁହନ୍ତି: فَتَهَجَّدۡ بِهٖ ରେ ه ର ଅକ୍ଷର ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଇଙ୍ଗିତ କରେ । ତହିଁରୁ ଏହା ଯଥାର୍ଥ ଯେ, ନମାଜ୍‌ର କୁରଆନ୍‌ର ଆବୃତ୍ତି ଉପରେ ବିଶେଷ ରୂପେ ଗୁରତ୍ୱାରୋପ ଦେବା ଉଚିତ । ତେହଜ୍ଜୁଦ୍‌ର ଅର୍ଥ ଶୋଇ ଉଠିବା ଅବସ୍ଥାକୁ ବୁଝାଏ । ଅତଃ ତେହଜ୍ଜୁଦ୍ ନମାଜ୍ ପୂର୍ବରୁ ଶୋଇବା ଏକାନ୍ତ ଜରୁରୀ ଅଟେ । ଯେଉଁ ଲୋକମାନେ ଅହୋରାତ୍ର ଉଜାଗର ରହି ଏହାକୁ ଚିଲ୍ଲା ବୋଲି ଆଖ୍ୟା ପ୍ରଦାନ କରନ୍ତି ତେବେ ସେମାନେ ଉପାସନା କରନ୍ତି ନାହିଁ । ବରଂ ଧର୍ମ ବିଧାନର ମୂଳ ଉଦ୍ଦେଶ୍ୟକୁ ରଦ୍ଦ କରନ୍ତି । ଏହିଭଳି ଉପାସନା ପବିତ୍ର କରୁଆନ୍ କରୀମ୍‌ର ଉଦ୍ଦେଶ୍ୟ ବିରୁଦ୍ଧୀୟ ଅଟେ । ରସୁଲ୍ କରୀମ୍[ସ.ଅ] ସର୍ବଦା ରାତ୍ରର ପ୍ରଥମ ପ୍ରହରରେ ଶୋଇଯାଉଥିଲେ ଓ ଶେଷ ପ୍ରହରରେ ନିଦରୁ ଉଠି ନମାଜ୍ ତେହଜ୍ଜୁଦ୍ ପାଠ କରୁଥିଲେ ।

ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା କହିଛନ୍ତି ଯେ, ଉପାସନାର ଅବସର ପ୍ରଦାନ କରିବା ପ୍ରଭୁଙ୍କର ଏକ ଅନନ୍ୟ ଉପକାର ଅଟେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ସେହି ଲୋକମାନଙ୍କ ଉପରେ ଯେଉଁମାନେ ନମାଜକୁ ଜୋରିମାନା ବୋଲି ଭାବନ୍ତି । ଆଁହଜରତ ସ.ଅ କହିଲେ ଯେ, ନମାଜ୍ ହେଉଛି ନିଜ ପରମେଶ୍ୱରଙ୍କର ଏକ ସାକ୍ଷାତ୍ । ପରମେଶ୍ୱରଙ୍କ ସାକ୍ଷାତ୍ ହେଉଛି ଏକ ପୁରସ୍କାର । ସୁତରାଂ କୌଣସି ବୁଦ୍ଧିମାନ ବ୍ୟକ୍ତି ନିଜର ପ୍ରିୟତମର ସାକ୍ଷାତ୍‌କୁ ଜୋରିମାନା ବୋଲି ଭାବିବ ନାହିଁ । ଆଁହଜରତ[ସ.ଅ] ତ' ଉପାସନାର ଏହି ସ୍ତର ବା ମର୍ଯ୍ୟାଦା ଦର୍ଶାଇଛନ୍ତି ଯେ, كَاَنَّكَ تَرَاهُ فَاِنۡ لَّمۡ تَكُنۡ تَرَاهُ فَاِنَّهٗ يَرَاكَ **(ମୁସଲିମ୍, ଗ୍ରନ୍ଥ ଖଣ୍ଡ-1, କିତାବୁଲ୍ ଇମାନ୍)** ଅର୍ଥାତ୍ ସଠିକ୍ ନମାଜ କହିଲେ ଏହା ବୁଝାଏ ଯେ, ଭକ୍ତ ନିଜର ପରମେଶ୍ୱରଙ୍କୁ ଦେଖିନେବ କିମ୍ବା ଅନ୍ୟୁନତଃ ନମାଜ ସମୟରେ ନିଜ ମନ ଭିତରେ ଏହି ବିଶ୍ୱାସ ରଖୁ ଯେ, ପ୍ରଭୁ ପରମେଶ୍ୱର ମୋତେ ଦେଖୁଛନ୍ତି। ସୁତରାଂ ଏତେ ବଡ଼ ପୁରସ୍କାରକୁ ଚଟି (ଜୋରିମାନା) ବୋଲି ଭାବିବା ଅତ୍ୟନ୍ତ ଅନ୍ୟାୟ ଅଟେ । ନମାଜ ଅଲ୍ଲାଃତାଲାଙ୍କ ମହତ୍ ଅବଦାନ (ପୁରସ୍କାର) ମଧ୍ୟରୁ ଅନ୍ୟତମ ଅବଦାନ ଅଟେ । ମୋର ତ' ଏହି ଧର୍ମମତ ରହିଛି ଯେ, ମନୁଷ୍ୟ ଯଦି ଗୋଟିଏ ବେଳା ନମାଜ ଛାଡ଼ିଦିଏ ତେବେ ସେ ନିଜକୁ ଉପାସକ ବୋଲାଇ ପାରିବ ନାହିଁ । କାରଣ ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା اِقَامَةُ الصَّلٰوةِ ର ଆଦେଶ ଦେଇଛନ୍ତି ଏବଂ ସେ ନମାଜର ନିରନ୍ତରତା ଚାହୁଁଛନ୍ତି । ତେଣୁ ଭକ୍ତ ଯେତେବେଳେ ଗୋଟିଏ ବେଳାର ବି ନମାଜ ଛାଡ଼ିଦିଏ ତେବେ ସେତେବେଳେ ତା'ର ନମାଜରେ ଆଉ ନିରନ୍ତରତା ରହିଲା ନାହିଁ ।

نَافِلَةً لَّكَ ରୁ ଏହା ପରିପ୍ରକାଶ ଯେ, ଉପାସନାର ଅବସର ପ୍ରଦାନ କରିବା ଆମ୍ଭର ତୁମ୍ଭ ଉପରେ ଏକ ଉପକାର ଅଟେ କିମ୍ବା ସମ୍ଭବତଃ ନମାଜ ତେହଜ୍ଜୁଦ୍ ପୂର୍ବେ କୌଣସି ଅବତାରମାନଙ୍କ ଉପରେ ଅନିର୍ବାର୍ଯ୍ୟ କରାଯାଇ ନଥିବ । ସେପରିପ୍ରେକ୍ଷୀରେ ଏହାର ଅର୍ଥ ଏହା ହେବ ଯେ, ହେ ମୁହମ୍ମଦ୍[ସ.ଅ] ! ଏହି ଉପାସନାର ଅବସର ବିଶେଷ କରି ତୁମ୍ଭ ସକାଶେ ଏକ ଅତିରିକ୍ତ ପୁରସ୍କାର ଅଟେ ।

مَقَامًا مَّحۡمُوۡدًا ରେ ଏକ ବୃହତ୍ ଭବିଷ୍ୟବାଣୀ ନିହିତ ରହିଛି । ସଂସାରରେ ଯେତିକି ଅପଶବ୍ଦ ଆଁହଜରତ ସ.ଅଙ୍କୁ କୁହାଯାଇଛି ସେତିକି ଅପଶବ୍ଦ ଅନ୍ୟ କୌଣସି ବ୍ୟକ୍ତିକୁ କୁହାଯାଇ ନାହିଁ । ଡାକୁ, ଦୁରାଚାରୀ, ଦୁଷ୍ଟ, ବ୍ୟଭିଚାରୀରୁ ବ୍ୟଭିଚାରୀ ବ୍ୟକ୍ତି ପ୍ରତି ସେହି ଅପଶବ୍ଦର କୋଟିଏ ଅଂଶ ବରାବର ମଧ୍ୟ ଅପଶବ୍ଦ କୁହାଯାଇ ନାହିଁ ଯେତିକି ଆଜି ପର୍ଯ୍ୟନ୍ତ ଆଁହଜରତ ସ.ଅଙ୍କୁ ଦିଆଯାଇଛି । ସୁତରାଂ ଅଲ୍ଲାଃତାଲା ସେହି ଅପଶବ୍ଦ ତଥା ଗାଳିଗୁଲଚର ପ୍ରତିଫଳ ପ୍ରଦାନ ପୂର୍ବକ ଆପଣ ସ.ଅଙ୍କୁ ମକାମେ ମେହମୁଦ୍ (ଅର୍ଥାତ ପ୍ରଶଂସିତ ପ୍ରତିଷ୍ଠିତ ସ୍ଥାନ) ପ୍ରଦାନ କଲେ । ଅଲ୍ଲାଃତାଲା ପୁନଶ୍ଚ କହିଲେ : ଶତ୍ରୁମାନେ ଯେଉଭଳି ଆପଣ ସ.ଅଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରନ୍ତି ଆମ୍ଭେମାନେ ସେହିଭଳି ତୁମ୍ଭ ସପକ୍ଷରେ ବିଶ୍ୱାସକାରୀଙ୍କ ତୁଣ୍ଡରୁ ଦୁରୁଦ୍ ପ୍ରେରଣ କରାଇବୁ । ଅତଃ ଏହିପରି ଭାବରେ ଆକାଶ ଲୋକର ବାସୀମାନେ ମଧ୍ୟ ସ୍ୱୟଂ ତୁମ୍ଭର ପ୍ରଶଂସା କରିବେ । ଏହାର ବିପରୀତରେ ଶତ୍ରୁର ଅପଶବ୍ଦର କୌଣଲସି ଅସ୍ତିତ୍ୱ ନାହିଁ । ମକାମେ ମେହମୁଦରୁ ଯଥାର୍ଥ ମକାମେ ଶଫାଅତ୍ (ସୁପାରିଶର ପ୍ରତିଷ୍ଠିତ ସ୍ଥାନ) ମଧ୍ୟ ଅଟେ । କାରହଣ ଯେପରି ହଦିସରୁ ପ୍ରମାଣିତ ଯେ, ସମସ୍ତ ଜାତିର ଲୋକମାନେ ସମସ୍ତ ଅବତାରମାନଙ୍କ ନିକଟରୁ ଯେତେବେଳେ ନିରାଶ ହୋଇ ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅଙ୍କ ନିକଟରେ ସୁପାରିଶ ନିମନ୍ତେ ଫେରାଦ ହେବେ ସେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ ସୁପାରିଶ କିରବେ । ଠିକ୍ ସେହିପରି ସେହି ସମସ୍ତ ଜାତିଙ୍କ ତୁଣ୍ଡରୁ ଯେଁଉମାନେ ଆପଣ ସ.ଅଙ୍କୁ ମର୍ତ୍ତ୍ୟାଲୋକରେ ଅପଶବ୍ଦ କହୁଥିଲେ ସେହିମାନେ ହିଁ ଆପଣ ସ.ଅଙ୍କ ପ୍ରତି ଶ୍ରଦ୍ଧାଭାବ ବ୍ୟକ୍ତ କରିବେ । ଏହା ସର୍ବୋଚ୍ଚ ସ୍ତରର ପ୍ରଶଂସିତ ପ୍ରତିଷ୍ଠିତ ସ୍ଥାନ ଅଟେ । ହୁଜୁର୍ ର.ଅ କହିଲେ, ମୋ ନିକଟରେ ମକାମେ ମେହମୁଦରୁ ଯଥାର୍ଥ ଖୁତୁଜେ ମେହଦୀ ମଧ୍ୟ ଅଟେ । (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)

# ମୁନସିଫ୍

## ମଙ୍ଗଳବାର25- ଜୁଲାଇ 2023 ମସିହା, ମୁହରମୁଲ୍ ହରାମ୍ 1445 ହିଜରୀ

## କାଦଆନିମାନଙ୍କର ଅପବିତ୍ରମୂଳକ ଆନନ୍ଦ ଓ ଭରତୀୟ ଇସଲାମ୍ ଧର୍ମ

ଭାରତୀୟ ଜନତା ପାର୍ଟି କେନ୍ଦ୍ର ତଥା ବିଭିନ୍ନ ରାଜ୍ୟମାନଙ୍କରେ କ୍ଷମତାସୀନ ହେବା ପରେ ଇସ୍‌ଲାମୀୟ ବିରୋଧୀ ଶକ୍ତିମାନେ ନିଜକୁ ଏହା ଭାବୁଛନ୍ତି ଯେ, ସେମାନଙ୍କୁ ସରକାରଙ୍କ ଛତ୍ରଛାୟା ପ୍ରାପ୍ତ ହୋଇଯାଇଛି ଏବଂ ଯେପର୍ଯ୍ୟନ୍ତ ଏହି ସରକାର କ୍ଷମତାରେ ରହିଥିବ ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଘୃଣା ପ୍ରସାର କରିବା ଓ ମୁସଲମାନମାନଙ୍କ ଉପରେ ଘାତକ ଆକ୍ରମଣ କରିବାକୁ ସୁଯୋଗ ମିଳୁଥିବ । ମୁସଲମାନମାନଙ୍କ ବିରୁଦ୍ଧରେ ବିରୋଧୀମାନେ ଷଡ଼ଯନ୍ତ୍ର କରିବାକୁ ଲାଗିଲେଣି ତେବେ କାଦିଆନୀମାନେ ତହିଁରୁ କାହିଁକି ବା ପଛରେ ରହିଯିବେ । ଏହି ସଂପ୍ରଦାୟ ଏହା ଦେଖିଲା ଯେ, କେତେକ କଳହପ୍ରିୟ ଶକ୍ତି ମୁସଲମାନମାନଙ୍କ ସହିତ ଭୂମିପୁତ୍ରଗଣକୁ ଭ୍ରମିତ କରିବା ନିମନ୍ତେ "କାଫିର୍" (ଅବଜ୍ଞାକାରୀ) ପରିଭାାଷା ପ୍ରାପ୍ତ ବା ପ୍ରୟୋଗ କରିବାକୁ ଲଗାଲେଣି । ତେବେ ସେ (କାଦିଆନୀମାନେ) ମଧ୍ୟ ନିଜର ଅପବିତ୍ରତାମୂଳକ ଆନନ୍ଦ ପ୍ରାରମ୍ଭ କରିଦେଇଛନ୍ତି ଓ ଦେଶର ସହାନୁଭୂତି ଓ ପ୍ରଶଂସା ସାଉଁଟିବା ପାଇଁ ଏହି ବିଶ୍ୱାସ ଜନ୍ମାଇବାକୁ ପ୍ରୟାସରତ ଯେ, ମୁସଲମାନମାନେ ସେମାନଙ୍କୁ ମଧ୍ୟ ଅବିଶ୍ୱାସକାରୀ ବୋଲି ବିବେଚିତ କରନ୍ତୁ । ଅତଃ ସେମାନଙ୍କୁ ମୁସଲମାନମାନଙ୍କ ମାଧ୍ୟମରେ ମୁସଲମାନ ଆଖ୍ୟା ପ୍ରଦାନ କରାଯାଉ । ସୁତରାଂ ଭାରତୀୟ ଅହେମଦିୟା ମୁସ୍‌ଲିମ୍ ଜମାଅତ୍ କିଛି ଦିନେ ପୂର୍ବେ କେନ୍ଦ୍ର ସରକାରଙ୍କୁ ଏକ ପ୍ରତିନିଧି ମଣ୍ଡଳ ପ୍ରେରଣ କରି ଏହି ଅନୁରୋଧ ତଥା ଆବେଦନ ଉପସ୍ଥାପିତ କରିଥିଲା ଯେ, (ଅବଶିଷ୍ଟାଂଶ ........ପୃ- 12ରେ )

# (ଖୁତ୍‌ବା ଜୁମା)

**ଆଁହଜରତ ସ.ଅ କହିଲେ ମୋତେ ଦୁଇଥର କହିଲେ: ମୋତେ ନମାଜ ପାଠକାରୀଙ୍କୁ ହତ୍ୟା କରିବାରୁ ବାରଣ କରାଯାଇଛି ।**

**ଏହା ଆଜିକାଲି ମୁସଲମାନମାନଙ୍କ ନିମନ୍ତେ ମଧ୍ୟ ଏକ ଶିକ୍ଷା ଅଟେ ।**

**ନୈଷ୍ଠିକତା ଓ ବିଶ୍ୱସ୍ତତାର ସାକ୍ଷାତ୍ ପ୍ରତିମୂର୍ତ୍ତି କେତେକ ବଦ୍‌ରୀ ସାହାବା ଯଥା- ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ ର.ଅ, ହ. ସାଲେହ୍ ଶୁକ୍ରାନ୍ ର.ଅ, ହ. ମାଲିକ୍ ବିନ୍ ଦୁଖ୍‌ଶୁମ୍, ହ. ଉକାଶା ର.ଅ, ହ. ଖାର୍ଜା ବିନ୍ ଜୈଦ୍ ର.ଅ, ହ. ଖାଲିଦ୍ ବିନ୍ ବୁକୈର୍ ର.ଅ ଓ ହ. ଅମ୍ମାରା ବିନ୍ ୟାସିର୍ ର.ଅଙ୍କ ପବିତ୍ର ଜୀବନୀର କେତେକ ପକ୍ଷର ଚିତ୍ତାକର୍ଷକ ଚର୍ଚ୍ଚା।**

**ଚଳିତ ମାସ ବୁର୍କିନାଫାସୋ ଅନ୍ତର୍ଗତ ମେହଦୀଆବାଦ୍ ଠାରେ ୯ଜଣ ନିରୀହ ଅହେମଦିଙ୍କୁ ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ ଭାବରେ ଶହୀଦ୍ କରିଦିଆଗଲା, ସେହି ଶାହାଦତ୍‌କୁ ପାଥେୟ କରି ମୃତକ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ଓ ବୈକୁଣ୍ଠରେ ସେମାନଙ୍କର ସ୍ତର ଉନ୍ନୀତ ହେବା ନିମନ୍ତେ ପ୍ରାର୍ଥନା ତଥା ବୁର୍କିନାଫାସୋର ପରିସ୍ଥିତି ସାମାନ୍ୟ ହେବା ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ (ହୁଜୁର ଅନଓ୍ୱର୍ଅ.ବଙ୍କ) ଆହ୍ୱାନ ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 13 Jan 2023 ମସିହା ଅନୁଯାୟୀ ୧୩ ସୁଲହ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ଯେପରିକି ମୁଁ ପୂର୍ବ ଖୁତ୍‌ବାରେ କହିଥିଲି ଯେ, କେତେକ ସାହାବାମାନଙ୍କର ଜୀବନୀ କ୍ରମର କିଛି ଅଂଶ ବାକି ରହି ଯାଇଥିଲା । ତେଣୁ ଆଜି ସେହି ଅବଶିଷ୍ଟ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା ଆଲୋଚନା କରିବି । ପ୍ରଥମ ଚର୍ଚ୍ଚା ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅଙ୍କର ହେବ । ଆପଣର.ଅଙ୍କ ସଂପର୍କ ବନୁ ଅସଦ୍ ସହିତ ଥିଲା। ଅନ୍ୟ ସଂପ୍ରଦାୟ ସଂକ୍ରାନ୍ତରେ କେତେକ ବର୍ଣ୍ଣନାକାରୀ କୁହନ୍ତି ଯେ, ଆପଣ ବନି ଅବ୍‌ଦେ ଶମସ୍‌ର ମିତ୍ର ଥିଲେ । କିନ୍ତୁ ଅନ୍ୟ କେତେକଙ୍କ ମତରେ ହର୍ବ ବିନ୍ ଉମୈୟାଙ୍କ ଆପଣ ମିତ୍ର ଥିଲେ । **(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା, ଗ୍ରନ୍ଥ ଖଣ୍ଡ-3, ପୃ-195, ଅବ୍‌ଦୁଲ୍ଲାଃ ବିନ୍ ହଜଶ୍, ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅଙ୍କ ଉଚ୍ଚତା ସଂପର୍କରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ ଜଣେ ଉଚ୍ଚ ମଧ୍ୟମ ସମ୍ପନ୍ନ ବ୍ୟକ୍ତି ଥିଲେ ଏବଂ ମସ୍ତିଷ୍କରେ ଥିବା କେଶ ଘଞ୍ଚ ଥିଲା । **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-67, ଅବ୍‌ଦୁଲ୍ଲାଃ ବିନ୍ ହଜଶ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1990)**

ଏକ ଅଭିଯାନ ଅବସରରେ ଆଁହଜରତସ.ଅ ଆପଣର.ଅଙ୍କୁ ଅମୀର୍ ରୂପେ ନିଯୁକ୍ତ କରି ସହାବାମାନଙ୍କୁ ଯେଉଁ ଆଦେଶ ଦେଲେ ତାହା ଆପଣସ.ଅଙ୍କର ସାହାସିକତା, ନିୟମିତ ସ୍ୱଭାବ ଓ ନିର୍ଭୀକତାର ପରିପ୍ରକାଶ କରିଥାଏ । ହ. ସାଆଦ୍ ବିନ୍ ଅବି ୱକ୍କାସର.ଅ କୁହନ୍ତି, ଆଁହଜରତସ.ଅ ହାବାମାନଙ୍କୁ ସମ୍ବୋଧିତ କରି କହିଲେ, ମୁଁ ତୁମମାନଙ୍କର ଉପରେ ଏଭଳି ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରୁଛି ଯେକି ତୁମ ଅପେକ୍ଷା ଅଧିକ ଉତ୍ତମ ତ' ନାହାନ୍ତି କିନ୍ତୁ ଭୋକ, ଶୋଷ ସହ୍ୟ କରିବାରେ ସେ ତୁମ ଅପେକ୍ଷା ଅଧିକ ଶକ୍ତିଶାଳୀ ଅଟନ୍ତି । ହ. ସାଆଦ୍ ବିନ୍ ୱକ୍କାସ୍ର.ଅ କୁହନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅଙ୍କ ସେନାପତିତ୍ୱରେ ମକ୍କା ଓ ତାଏଫ୍‌ର ମଧ୍ୟବର୍ତ୍ତୀ ଉପତ୍ୟକା ନଖ୍‌ଲା ଆଡ଼କୁ ଯାଇଥିଲେ । **(ମୁସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଭାଗ-1, ପୃ-481-482, ମୁସ୍‌ନଦ୍ ସାଆଦ୍ ବିନ୍ ଅବି ୱକ୍କାସ୍, ହଦିସ୍ ନଂ-1539, ପ୍ରକାଶନ ସ୍ଥାନ-ଆଲିମୁଲ୍ କୁତୁବ, ବୈରୁତ୍-1998 ମସିହା) (ଅସ୍ ସିରତୁନ୍ ନବ୍‌ୱିୟାହ୍ ଲିଇବ୍‌ନି କସିର୍, ଭାଗ-2, ପୃ-365-366, ذِكْرُ أَوَّلِ الْمَغَازِى وَهِىَ غَزْوَةٌ, ପ୍ରକାଶନ ସ୍ଥାନ- ଅଲମାଆରିଫତୁ, ବୈରୁତ୍-1976 ମସିହା)**

ଉକ୍ତ ଅଭିଯାନରେ ବିଜୟ ବିମଣ୍ଡିତ ହେବା ପରେ ଯେଉଁ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ପ୍ରାପ୍ତ ହେଲା ତତ୍‌ସଂପର୍କରେ ଉଲ୍ଲେଖ ରହିଛି ଯେ, ଉକ୍ତ ସରିୟାରୁ ପ୍ରାପ୍ତ ମାଲେ ଗନିମତ୍ ସଂକ୍ରାନ୍ତରେ କେତେକଙ୍କ ଧାରଣା ରହିଛି ଯେ, ଏହା ହେଉଛି ପ୍ରଥମ ମାଲେ ଗନିମତ୍ ଯାହାକୁ ମୁସଲମାନମାନେ ପ୍ରାପ୍ତ କରିଥିଲେ ।

ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅ ସେହି ମାଲେ ଗନିମତ୍‌କୁ ପାଞ୍ଚ ଭାଗରେ ବିଭକ୍ତ କରି ଅବଶିଷ୍ଟ ଚାରି ଭାଗରୁ ବିଭକ୍ତ କରି ଦେଇଥିଲେ ଓ ଏକ ଭାଗକୁ ଆପଣ ବୈତୁଲ୍ ମାଲ୍ ନିମନ୍ତେ ରଖିନେଲେ । ଏହା ଥିଲା ପଞ୍ଚମାଂଶ ଯାହାକି ଇସଲାମ୍ ଧର୍ମରେ ସେହି ଦିନ ଧାର୍ଯ୍ୟ ହେଲା । **(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା, ଭାଗ-3, ପୃ-195, ଅବଦୁଲ୍ଲାଃ ବିନ୍ ଜହଶ୍, ଦାରୁଲ୍ କୁତୁବୁଲ୍ ଇଲମିୟା ବୈରୁତ୍ 2003 ମସିହା)**

ଇମାମ୍ ଶାଫେଇ ବର୍ଣ୍ଣନା କରନ୍ତି ଯେ, ଇସ୍‌ଲାମ୍ ଧର୍ମରେ ସର୍ବପ୍ରଥମ ଧ୍ୱଜାର ପ୍ରଚଳନ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ର.ଅ ପ୍ରାରମ୍ଭ କରିଥିଲେ ଏବଂ ସର୍ବ ପ୍ରଥମ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ମଧ୍ୟ ଆପଣ ର.ଅ ବାଣ୍ଟି ଥିଲେ ।

**(ହୁଲିୟତୁଲ୍ ଅଉଲିୟା ୱ ତବ୍‌କାତୁଲ୍ ଅସଫିୟା, ଭାଗ-1, ପୃ-108, ଅବ୍‌ଦୁଲ୍ଲାଃ ବିନ୍ ହଜଶ୍, ଦାରୁଲ୍ ଫିକର୍, ବୈରୁତ୍, 1996 ମସିହା)**

ହ. ମସିହ୍ ମଉଦ୍ଅ.ସଙ୍କ ସୁପୁତ୍ର ମିର୍ଜା ବଶୀର୍ ଅହେମଦ ସାହେବର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅଙ୍କ ସଂପର୍କରେ କୁହନ୍ତି: କୁର୍ଜ ବିନ୍ ଜାବିର୍ ଯେକି ମକ୍କାର ଜଣେ ଧାନଢ୍ୟ ବ୍ୟକ୍ତି ଥିଲା । ସେ କୁରୈଶ୍‌ର ଏକ ସୈନ୍ୟ ଟୁକୁଡ଼ି ସହ ଚତୁରତାର ସହିତ ମଦିନାର ଚାରଣ ଭୂମି ଉପରେ ଯାହାକି ସହର ଠାରୁ କେବଳ ତିନି ମାଇଲ୍ ବ୍ୟବଧାନରେ ଥିଲା ସହସା ଚଢଉ କରିଦେଲା ଏବଂ ମୁସଲମାନମାନଙ୍କର ଓଟ ଆଦିକୁ ଘଉଡ଼ାଇ ନେଇଗଲା । ତା'ର ସହସା ଆକ୍ରମଣ ସ୍ୱଭାବିକ ରୂପେ ମୁସଲମାନମାନଙ୍କୁ ବହୁତ ଭୟଭୀତ କରିଦେଲା । କାରଣ କୁରୈଶ୍‌ର ଅଧିପତିମାନଙ୍କର ଏହା ପୂର୍ବରୁ ଧମକ ଦେଇଥିଲେ ଯେ, ଆମେମାନେ ମଦିନା ଉପରେ ସହସା ଆକ୍ରମଣ କରି ମୁସଲମାନମାନଙ୍କର ସର୍ବନାଶ କରିଦେବୁ । ତେଣୁ ମୁସଲମାନମାନେ ଏଥିପାଇଁ ଚିନ୍ତିତ ହେଲେ ଓ ସେହି ବିପଦକୁ ଦେଖି ଆଁହଜରତସ.ଅ ଏହି ଇଚ୍ଛା ପ୍ରକାଶ କଲେ ଯେ, କୁରୈଶ୍‌ମାନଙ୍କର ଗତିବିଧିକୁ ଆହୁରି ନିକଟରୁ ଦେଖିବା ପରେ ଏହା ଜ୍ଞାତ ହୋଇଯିବ ଯେ, ସେମାନଙ୍କ ସଂପର୍କରେ ପ୍ରତ୍ୟେକ ଆବଶ୍ୟକୀୟ ସୂଚନା ଯଥା ସମୟରେ ପ୍ରାପ୍ତ ହୋଇଯିବ ଓ ମଦିନା ପ୍ରତ୍ୟେକ ପ୍ରକାରର ସହସା ଆକ୍ରମଣରୁ ସୁରକ୍ଷିତ ରହିବ । (ହଁ ଏହି ଚର୍ଚ୍ଚାଟି ଯାହାକି ପୂର୍ବେ ହୋଇ ସାରିଛି ତାହା ସେହି ଅଭିଯାନ ସଂପର୍କରେ ଆପଣ କହୁଛନ୍ତି) ପୁନଶ୍ଚ କୁହନ୍ତି: ଉକ୍ତ ଅଭିପ୍ରାୟରୁ ଆପଣସ.ଅ ଆଠ ଜଣ ପ୍ରବାସକାରୀଙ୍କ ଏକ ସୈନ୍ୟଦଳ ସୁରକ୍ଷା ଦୃଷ୍ଟିରୁ ସେହି ଦଳରେ ଏଭଳି ବ୍ୟକ୍ତିଙ୍କୁ ସ୍ଥାନ ଦେଲେ ଯେଉଁମାନେ କୁରୈଶ୍‌ର ବିଭିନ୍ନ ସଂପ୍ରଦାୟର ବ୍ୟକ୍ତି ଥିଲେ। କାରଣ କୁରୈଶ୍‌ମାନଙ୍କର ଗୁପ୍ତ ଅଭିଳାଷା ସଂପର୍କରେ ସୂଚନା ପ୍ରାପ୍ତ କରିବାରେ

ସହଜ ହେବ ଓ ସେହି ଦଳ ଉପରେ ଆପଣ[ସ.ଅ] ନିଜର ପିଉସୀ ପୁତ୍ର ଭାଇ ଅର୍ଥାତ ହ. ଅବ୍ଦୁଲ୍ଲାଃ ବିନ୍ ହଜଶ୍[ର.ଅ]ଙ୍କୁ ନିୟୋଜିତ କରିଥିଲେ । ସେହିପରି ଏହି ସୈନ୍ୟଦଳର ଅଭିପ୍ରାୟ ସାଧାରଣ ମୁସଲମାନମାନଙ୍କ ଠାରୁ ମଧ୍ୟ ଗୁପ୍ତ ରହୁ। ଆପଣ[ସ.ଅ] ସେହି ଯୁଦ୍ଧରେ ସୈନ୍ୟଦଳକୁ ପ୍ରେରଣ କରି ସେହି ସୈନ୍ୟଦଳର ଅମୀରକୁ ମଧ୍ୟ ଏହା କହିଲେ ନାହିଁ ଯେ, ତୁମକୁ କେଉଁଠି ଓ କେଉଁ ଅଭିପ୍ରାୟ ନିମନ୍ତେ ପ୍ରେରଣ କରାଯାଉଅଛି । ବରଂ ଗଲାବେଳେ ତା' ହାତରେ ଏକ ମୁହର ଲଗା ପତ୍ର ଦେଇ କହିଲେ, ଉକ୍ତ ପତ୍ରରେ ତୁମ ନିମନ୍ତେ ମାର୍ଗଦର୍ଶିକା ଉଲ୍ଲିଖିତ ରହିଛି । ଅତଃ ଏହି ପ୍ରାମାଣ୍ୟଟି ପୂର୍ବେ କିଛିଟା ବର୍ଣ୍ଣନା ହୋଇସାରିଛି । କିନ୍ତୁ ହ. ମିର୍ଜା ବଶୀର୍ ଅହେମଦି ସାହେବ[ର.ଅ]ଙ୍କ ଦ୍ଵାରା ତାହା ବର୍ଣ୍ଣିତ ହୋଇ ନଥିଲା । ସେ ଯାହା ହେଉ ନା କାହିଁକି ଆପଣ[ସ.ଅ] ତାଙ୍କୁ (ହ. ଅବ୍ଦୁଲ୍ଲାଃ ବିନ୍ ହଜଶ୍[ର.ଅ]ଙ୍କୁ) କହିଲେ, ହେ ହଜଶ୍ ! ତୁମେ ଯେତେବେଳେ ମଦିନାରୁ ଦୁଇ ଦିନର ବ୍ୟବଧାନ ଯାତ୍ରା କରିନିଅ ସେତେବେଳେ ଏହି ପତ୍ରକୁ ଖୋଲି ତନ୍ମଧ୍ୟରେ ଉଲ୍ଲିଖିତ ଥିବା ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟାକାରୀ କରିବ । ସୁତରାଂ ହ. ଅବ୍ଦୁଲ୍ଲାଃ ବିନ୍ ହଜଶ୍[ର.ଅ] ଓ ତାଙ୍କର ସାଥିମାନେ ନିଜର ପ୍ରିୟ ମୁନିବ[ସ.ଅ]ଙ୍କ ଆଦେଶ କ୍ରମେ ମଦିନାରୁ ବାହାରି ପଡ଼ିଲେ ଏବଂ ଯେତେବେଳେ ସେମାନେ ଦୁଇ ଦିନର ଯାତ୍ରା କରିନେଲେ ସେତେବେଳେ ହ. ଅବଦୁଲ୍ଲାଃ ବିନ୍ ହଜଶ[ର.ଅ] ଆଁହଜରତ[ସ.ଅ]ଙ୍କ ଆଦେଶର ଆଜ୍ଞା ପାଳନପୂର୍ବକ ଉକ୍ତ ପତ୍ରକୁ ଖୋଲି ଦେଖିଲେ ଯେ, ତହିଁରେ ଏହି ଶବ୍ଦ ଉଲ୍ଲିଖିତ ଥିଲା ଯେ, ମକ୍କା ଓ ତାଏଫ୍‌ର ମଧ୍ୟବର୍ତ୍ତୀ ନଖ୍‌ଲା ଉପତ୍ୟକାକୁ ଯାଅ ଓ ସେଠାରେ ଯାଇ କୁରୈଶ୍‌ମାନଙ୍କର ପରିସ୍ଥିତି ତଥା ଗତିବିଧିକୁ ଲକ୍ଷ୍ୟ କର ଓ ପୁନଶ୍ଚ ଆମକୁ ଆସି ସୂଚନା ପ୍ରଦାନ କର । କାରଣ ମକ୍କାରୁ ଏତେ ନିକଟବର୍ତ୍ତୀ ହୋଇ ସନ୍ଦେଶ ପହଞ୍ଚାଇବାର କାର୍ଯ୍ୟ ଅତ୍ୟନ୍ତ ସମ୍ବେଦନଶୀଳ କାର୍ଯ୍ୟ ଥିଲା ।

ଆପଣ[ସ.ଅ] ପତ୍ରର ନିମ୍ନରେ ଏହି ମାର୍ଗଦର୍ଶିକା ମଧ୍ୟ ଉଲ୍ଲେଖ କରିଦେଲେ ଯେ, ସେହି ମିଶନ ସଂପର୍କରେ ଜ୍ଞାତ ହେବା ପରେ ତୁମର ଯଦି କୌଣସି ସାଥି ସେହି ଦଳରେ ସାମିଲ୍ ରହିବାରୁ ଶଙ୍କୋଚ ବୋଧ କରେ ଓ ଫେରି ଆସିବାକୁ ଇଚ୍ଛା ପ୍ରକାଶ କରେ ତେବେ ତା'କୁ ପ୍ରତ୍ୟାବର୍ତ୍ତନ କରିବାକୁ ଅନୁମତି ପ୍ରଦାନ କରି ଦିଆଯାଉ। ହ. ଅବ୍ଦୁଲ୍ଲାଃ ଆପଣ[ସ.ଅ]ଙ୍କର ଏହି ମାର୍ଗଦର୍ଶିକା ନିଜର ସାଥିମାନଙ୍କୁ ଶୁଣାଇ ଦେଲେ ଓ ସମସ୍ତେ ଏକସ୍ଵର ହୋଇ କହିଲେ, ଆମେମାନେ ପ୍ରସନ୍ନତାପୂର୍ବକ ଉକ୍ତ ସେବା ନିମନ୍ତେ ଉପସ୍ଥିତ ଓ ପ୍ରସ୍ତୁତ ଅଛୁ । ଏହାପରେ ଏହି ସଂପ୍ରଦାୟ ନଖ୍‌ଲା ଆଡ଼କୁ ଅଗ୍ରସର ହେଲା । ମାର୍ଗରେ ବୁହ୍‌ରାନ୍ ନାମକ ସ୍ଥାନରେ ଯେତେବେଳେ ସେମାନେ ପହଞ୍ଚିଲେ ସେତେବେଳେ ହ. ସାଆଦ୍ ବିନ୍ ଅବି ୱକ୍କାସ୍[ର.ଅ], ଉତ୍‌ବା ବିନ୍ ଗଜ୍‌ୱାନ୍[ର.ଅ]ଙ୍କ ଓଟ ହଜିଗଲା ଓ ତା'ର ସନ୍ଧାନରେ ସେମାନେ ନିଜର ସାଥିମାନଙ୍କ ଠାରୁ ବିଚ୍ଛେଦ (ପୃଥକ) ହୋଇଗଲେ ଏବଂ ବହୁତ ଖୋଜା ଖୋଜି ପରେ ମଧ୍ୟ ସେମାନଙ୍କୁ ନିଜର ସାଥିମାନେ ମିଳିଲେ ନାହିଁ ଓ ବର୍ତ୍ତମାନ ଏହି ଦଳରେ ମାତ୍ର ଛଅ ଜଣ ଲୋକ ରହିଯାଇଥିଲେ । (ହ. ସାଆଦ୍ ବିନ୍ ଅବି ୱକ୍କାସ୍‌ଙ୍କ ସଂକ୍ରାନ୍ତରେ ଏହାର କିଞ୍ଚିତ୍ ଅଂଶ ବର୍ଣ୍ଣିତ ହୋଇଥିଲା) ।

ଆପଣ[ର.ଅ] ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ମିଷ୍ଟର ମାର୍ଗୋଲିସ୍ ଇତ୍ୟବସରରେ ଉଲ୍ଲେଖ କରନ୍ତି ଯେ, ହ. ସାଆଦ୍ ବିନ୍ ଅବି ୱକ୍କାସ୍[ର.ଅ] ଓ ଉତ୍‌ବା ଜାଣିଶୁଣି ନିଜର ଓଟ ଛାଡ଼ି ଦେଇଥିଲେ ଏବଂ ଏହି ଆଳ କରି ସେମାନେ ପଛରେ ରହି ଯାଇଥିଲେ । ଆପଣ ଉଲ୍ଲେଖ କରନ୍ତି ଯେ, ସେହି ଇସଲାମୀୟ ପ୍ରାଣୋତ୍ସର୍ଗୀ ବୀର ସାହାବାମାନେ ଯେଉଁମାନଙ୍କ ଜୀବନର ଗୋଟିଏ ଗୋଟିଏ ଘଟଣାବଳୀ, ସେମାନଙ୍କର ସାହସିକତା, ପ୍ରାଣୋତ୍ସର୍ଗୀତା ଉପରେ ଜ୍ଵଳନ୍ତ ସକ୍ଷ୍ୟ ପ୍ରଦାନ କରେ। ସେହି ପ୍ରାଣୋତ୍ସର୍ଗୀ ସାହାବାମାନଙ୍କ ମଧ୍ୟରୁ ଜଣେ ବେଏରେ ମଉନା ଯୁଦ୍ଧରେ ଅବଜ୍ଞାକାରୀଙ୍କ ହସ୍ତରୁ ବୀରଗତି ପ୍ରାପ୍ତ କରିଥିଲା ଓ ଅନ୍ୟ ଜଣେ ଅନେକ ଭୟଙ୍କର ଯୁଦ୍ଧରେ ପ୍ରତିସ୍ଵର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରି ପରିଶେଷରେ ଇରାକ୍ ବିଜୟ କଲେ । ଏହିପ୍ରକାରର ସନ୍ଦେହ କରିବା ଓ ସନ୍ଦେହ ପୁଣି ନିଜର ମନଗଢା କପୋଳ କଳ୍ପିତ ଆଧାରରେ କରିବା ମିଷ୍ଟର ମାର୍ଗୋଲିସଙ୍କର କାର୍ଯ୍ୟ ଅଟେ । ହ. ମିର୍ଜା ବଶୀର୍ ଅହେମଦେ ସାହେବ[ର.ଅ] ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ମିଷ୍ଟର ମାର୍ଗୋଲିସ୍‌ଙ୍କର ନିଜ ପୁସ୍ତକରେ ଏହି ଦାବି କରନ୍ତି ଯେ, ମୁଁ ଏହି ପୁସ୍ତକ ପ୍ରତ୍ୟେକ ପ୍ରକାରର ଈର୍ଷାରୁ ମୁକ୍ତ ତଥା ପବିତ୍ର ହୋଇ ଉଲ୍ଲେଖ କରିଛି । ସେ ଯାହା ହେଉ ନା କାହିଁକି ଏହି ବାକ୍ୟଟି ଆପତ୍ତିଯୁକ୍ତ ବାକ୍ୟ ଥିଲା । ମାର୍ଗୋଲିସ୍ ଉଲ୍ଲେଖ କରେ ଯେ, ମୁସଲମାନମାନଙ୍କର ଏହି ଛୋଟି ଜମାଅତ୍ ନଖ୍‌ଲା ଠାରେ ପହଞ୍ଚିଲା ଓ ନିଜର କାର୍ଯ୍ୟରେ ନିମଜ୍ଜିତ ହୋଇଗଲା ଏବଂ ସେମାନଙ୍କ ମଧ୍ୟରୁ କେତେକ ସାହାବା ରହସ୍ୟ ଖୋଲି ନଯାଉ ବୋଲି ଭୟରେ ନିଜର କେଶ ମୁଣ୍ଡନ କରିଦେଲେ । କାରଣ ପଥିକମାନେ ସେମାନଙ୍କୁ ଉମ୍‌ରାହ୍ କରିବାକୁ ଆସୁଥିବା ତୀର୍ଥଯାତ୍ରୀ ମନେକରି ସେମାନଙ୍କରତି ସନ୍ଦେହ ପ୍ରକାଶ କରିବେ ନାହିଁ । କିନ୍ତୁ ବର୍ତ୍ତମାନ ସେମାନଙ୍କୁ ସେଠାରେ ପହଞ୍ଚିବାକୁ ବେଶୀ ସମୟ ଅତିକ୍ରାନ୍ତ ହୋଇ ନଥିଲା କି ସହସା ସେଠାରେ କୁରୈଶ୍‌ର ଏକ କ୍ଷୁଦ୍ର ପ୍ରତିନିଧିମଣ୍ଡଳ ମଧ୍ୟ ଆସି ପହଞ୍ଚିଗଲା ଯିଏ ତାଏଫ୍‌ରୁ ମକ୍କା ଅଭିମୁଖେ ଯାଉଥିଲା ଓ ଉଭୟ ଜମାଅତ୍ ମୁହାଁମୁହିଁ ହୋଇଗଲେ । ମୁସଲମାନମାନେ ପରସ୍ପର ମଧ୍ୟରେ ପରାମର୍ଶ କଲେ ଯେ, ବର୍ତ୍ତମାନ କ'ଣ କରାଯିବା ଉଚତ୍ ।

ଆଁହଜରତ[ସ.ଅ] ସେମାନଙ୍କୁ ଗୁପ୍ତ ସନ୍ଦେଶ ପହଞ୍ଚାଇବା ନିମନ୍ତେ ପ୍ରେରଣ କରିଥିଲେ କିନ୍ତୁ ଅନ୍ୟ ପଟେ କୁରୈଶ୍ ସହିତ ଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା। ବର୍ତ୍ତମାନ ଉଭୟ ପକ୍ଷର ପ୍ରତିଦ୍ଵନ୍ଦ୍ଵୀ ମୁହାଁମୁହିଁ ଥିଲେ ଏବଂ ସ୍ଵଭାବତଃ ଏହି ଆଶଙ୍କା ମଧ୍ୟ ଘନୀଭୂତ ହେଲା ଯେ, ବର୍ତ୍ତମାନ କୁରୈଶ୍‌ର ପ୍ରିତନିଧି ଦଳ ମୁସଲମାନମାନଙ୍କୁ ଦେଖି ନେଇଛି ତେବେ ମୁସଲମାନମାନଙ୍କର ଭେଦ ଆଉ ଭେଦ ହୋଇ ରହିବ ନାହିଁ । ଗୋଟିଏ ସମସ୍ୟା ଏହା ମଧ୍ୟ ଥିଲା ଯେ, କେତେକ ମୁସଲମାନମାନେ ଏହା ଭାବିଲେ ଯେ, ବୋଧେ ଏହି ଦିନଟି ରଜବ୍ ମାସର ଦିନ ଅଟେ । ଅର୍ଥାତ ଶେହରେ ହରାମ୍ (ସେହି ମାସ ଯହିଁରେ ଯୁଦ୍ଧ କରିବା ନିଷିଦ୍ଧ ଅଟେ) ମାସର ଶେଷ ଦିନ ଅଟେ । ଯହିଁରେ ଆରବର ପୁରାତନ ପ୍ରଥାନୁଯାୟୀ ଯୁଦ୍ଧ କରିବା ଅନୁଚିତ୍ । କେତେକ ସାହାବାମାନେ ଏହା ଭାବୁଥିଲେ ଯେ, ରଜବ୍ ମାସ ଶେଷ ହୋଇଯାଇଛି ଓ ବର୍ତ୍ତମାନ ଶାବାନ୍ ମାସ ଚାଲିଛି । କେତେକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏହି ଯୁଦ୍ଧରେ ସୈନ୍ୟଦଳ ଜମାଦିଉଲ୍ ଆଖିର୍‌ରେ ପ୍ରେରିତ ହୋଇଥିଲା । ସଂଶୟ ଏହା ଥିଲା ଯେ, ଏହି ଦିନଟି ଜମାଦାର ଦିନ ଅଟେ ଅବା ରଜ୍‌ବ ମାସର ଦିନ ଅଟେ । କିନ୍ତୁ ଅନ୍ୟ ପଟରେ ନଖ୍‌ଲା ଉପତ୍ୟକାଟି ଠିକ୍ ହରମ୍ ଅଞ୍ଚଳର ସୀମବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିଲା । ଏହା ପ୍ରକାଶ୍ୟ ଥିଲା କି ଆଜି ଯଦି କୌଣସି ନିର୍ଣ୍ଣୟ ନହୁଏ ତେବେ କାଲି ଏହି ପ୍ରତିନିଧି ମଣ୍ଡଳ ହରମ୍ ଅଞ୍ଚଳରେ ଅବଶ୍ୟ ପ୍ରବେଶ କରିବ । ଏହାପରେ ନିଷଦ୍ଧତା ଅବଶ୍ୟ ଲାଗୁ ହେବ। ସୁତରାଂ ସେହି ସମସ୍ତ କଥାକୁ ଧ୍ୟାନରେ ରଖି ମୁସଲମାନମାନେ ପରିଶେଷରେ ଏହି ନିଷ୍ପତ୍ତି ନେଲେ ତଥା ସିଦ୍ଧାନ୍ତରେ ଉପନୀତ ହେଲ ଯେ, ଅବଜ୍ଞାକାରୀଙ୍କ ଦଳ ଉପରେ ଆକ୍ରମଣ କରି ସେମାନଙ୍କୁ ବନ୍ଦୀ କରିନିଆଯାଉ ଅବା ସେମାନଙ୍କର ବଧ କରିଦିଆଯାଉ । ସୁତରାଂ ସେହି ସାହାବାମାନେ ଅଲ୍ଲାଃତାଲାଙ୍କର ନାମ ନେଇ ଆକ୍ରମଣ କରିଦେଲେ । ଯାହା ଫଳରେ ଅବଜ୍ଞାକାରୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଯାହାର ନାମ ଅମ୍ର ବିନ୍ ହଜ୍ରମି ଥିଲା ସେ ନିହତ ହେଲା ଓ ଆଉ ଦୁଇଜଣ ଲୋକ ବନ୍ଦୀ ହୋଇଗଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଚତୁର୍ଥ ବ୍ୟକ୍ତି ଜଣକ ଖସିଗଲା ଓ ମୁସଲମାନମାନେ ତା'କୁ ଧରି ପାରିଲେ ନାହିଁ । ଏହିପରି ଭାବରେ ସେମାନଙ୍କର ପ୍ରସ୍ତାବ ସଫଳ ହେଉ ହେଉ ଅପୂର୍ଣ୍ଣ ରହିଗଲା । ଏହାପରେ ମୁସଲମାନମାନେ ପ୍ରତିନିଧି ମଣ୍ଡଳର ସମସ୍ତ ଜିନିଷ ପତ୍ର ଉପରେ ଅକ୍ତିଆର କରିନେଲେ । ଯଦିଓ କୁରୈଶ୍‌ମାନଙ୍କର ଜଣେ ବ୍ୟକ୍ତି ଜୀବିତ ଖସିଯାଇଥିଲା ଏବଂ ଏହି ବିଶ୍ଵାସ ଥିଲା ଯେ, ଉକ୍ତ ଯୁଦ୍ଧର ସୂଚନା ମକ୍କା ଠାରେ ଯଥାଶୀଘ୍ର ପହଞ୍ଚିଯିବ । ସୁତରାଂ ହ. ଅବ୍ଦୁଲ୍ଲାଃ ବିନ ହଜଶ୍[ର.ଅ] ଓ ତାହାଙ୍କର ସାଥିମାନେ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ଧରି ଶୀଘ୍ର ଶୀଘ୍ର ମଦିନା ଅଭିମୁଖେ ଫେରି ଆସିଲେ ।

ଇତ୍ୟବସରରେ ମିଷ୍ଟର ମାର୍ଗୋଲିସ୍ ଉଲ୍ଲେଖ କରନ୍ତି ଯେ, ବାସ୍ତବରେ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ମୁହମ୍ମଦ୍ସ.ଅ ଏହି ସୈନ୍ୟ ଟୁକୁଡ଼ିକୁ ଜାଣିଶୁଣି ଏହି ଅଭିପ୍ରାୟ ରଖି ଶହରେ ହରାମ୍ (ନିଷିଦ୍ଧ ମାସ)ରେ ପ୍ରେରଣ କରିଥିଲେ ଯେ, ଏହି ମାସରେ କୁରେଶମାନେ ସ୍ୱଭାବତଃ ଅବଚେତନ ଥିବେ । ତେଣୁ ମୁସଲମାନମାନଙ୍କୁ ସେମାନଙ୍କର ଦଳକୁ ଫେରି ଆସିବାକୁ ସହଜ ଓ ନିଶ୍ଚିନ୍ତ ଅବସର ପ୍ରାପ୍ତ ହୋଇଯିବ । କିନ୍ତୁ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏକଥାକୁ ବୁଝିପାରିବ ଯେ, ଏହିଭଳି କ୍ଷୁଦ୍ର ସୈନ୍ୟ ଟୁକୁଡ଼ିକୁ ଏତେ ଦୂରବର୍ତ୍ତୀ ଅଞ୍ଚଳରେ କୌଣସି ପ୍ରତିନିଧିମଣ୍ଡଳର ବଧ ପାଇଁ ପ୍ରେରଣ କରାଯାଇ ପାରିବ ନାହିଁ । ବିଶେଷ କରି ସେତିକି ବେଳେ ଯେତେବେଳେ କି ଶତ୍ରୁର ମୁଖ୍ୟାଳୟ ଏତେ ନିକଟବର୍ତ୍ତୀ ହୋଇଥିବ ଓ ପୁନଶ୍ଚ ଉକ୍ତ କଥାଟି ଇତିହାସରୁ ପୂର୍ଣ୍ଣତଃ ପ୍ରମାଣିତ ଯେ, ଏହି ସୈନ୍ୟ ଟୁକୁଡ଼ିକୁ କେବଳ ସୂଚନା ଆଦାନ ପ୍ରଦାନ ନିମନ୍ତେ ପ୍ରେରଣ କରାଯାଇଥିଲା ଓ ଆଁହଜରତସ.ଅଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ଉକ୍ତ ଅଭିଯାନରେ ମୁସଲମାନମାନେ ଶହ୍‌ରେ ହରାମ୍ (ସେହି ପବିତ୍ର ମାସ ଯେଉଁ ମାସରେ ଯୁଦ୍ଧ କରିବା ନିଷିଦ୍ଧ ଥିଲା)ରେ ପରିସ୍ଥିତିର ବଶବର୍ତ୍ତୀ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରିଛନ୍ତି ସେତେବେଳେ ଆପଣସ.ଅ ଅତ୍ୟନ୍ତ ଅସନ୍ତୋଷ ଭାବ ବ୍ୟକ୍ତ କରି କହିଲେ, ମୁଁ ତୁମମାନଙ୍କୁ ଶହ୍‌ରେ ହରାମ୍ ମାସରେ ଯୁଦ୍ଧ କରିବା ନିମନ୍ତେ ଆଦୌ ଅନୁମତି ପ୍ରଦାନ କରି ନାହିଁ ଓ ଆପଣସ.ଅ ମାଲେ ଗନିମତ୍ ଗ୍ରହଣ କରିବାକୁ ଅସ୍ୱୀକାର କରିଦେଲେ ।

ପ୍ରତ୍ୟୁତ୍ତରରେ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ର.ଅ ଓ ତାଙ୍କର ସହସାଥିମାନେ ନିଜର କୃତ୍ୟ ପାଇଁ ଅନୁତପ୍ତ ହେଲେ । ସେମାନେ ଏହା ଭାବିଲେ ଯେ, ବର୍ତ୍ତମାନ ଆମେମାନେ ପ୍ରଭୁ ଓ ତାହାଙ୍କ ବାର୍ତ୍ତାବହଙ୍କ ଅସନ୍ତୋଷ ଯୋଗୁଁ ଆମେମାନେ ମଲୁ । ସାହାବାମାନେ ମଧ୍ୟ ସେମାନଙ୍କୁ ଭର୍ତ୍ସନା ଓ ନିନ୍ଦା କଲେ ଏବଂ କହିଲେ ଯେ, ତୁମେମାନେ ସେହି କାର୍ଯ୍ୟ କଲ ଯାହା ସଂପର୍କରେ ତୁମମାନଙ୍କୁ ଆଦେଶ ଦିଆଯାଇ ନଥିଲା । ହେଲେ ତୁମେମାନେ ନିଷିଦ୍ଧ ମାସରେ ଯୁଦ୍ଧ କଲ । କିନ୍ତୁ ତୁମେମାନଙ୍କୁ ଉକ୍ତ ଅଭିଯାନରେ ସଂପୂର୍ଣ୍ଣ ରୂପେ ଯୁଦ୍ଧ କରିବା ନିମନ୍ତେ ଆଦେଶ ନଥିଲା । ଦ୍ୱିତୀୟ ପକ୍ଷରେ କୁରୈଶ୍‌ମାନେ ମଧ୍ୟ କୋଳାହଳ କଲେ ଯେ, ମୁସଲମାନମାନେ ନିଷିଦ୍ଧ ମାସରେ ଯୁଦ୍ଧ କରି ନିଷିଦ୍ଧତାକୁ କ୍ଷୁର୍ଣ୍ଣ କରିଛନ୍ତି । ସୁତରାଂ ଯେଉଁ ବ୍ୟକ୍ତି ନିହତ ହୋଇଥିଲା ଅର୍ଥାତ ଅମ୍ର ବିନ୍ ହଜ୍ରମୀ ସେ ଏକ ଧାନାଢ୍ୟ ବ୍ୟକ୍ତି ଥିଲା ଏବଂ ପୁଣି ଉତ୍‌ବା ବିନ୍ ରବିଇୟା ଯେକି ମକ୍କାର ଅଧିପତି ମଧ୍ୟ ଥିଲା, ତା'ର ମିତ୍ର ଥିଲା । ଅତଃ ଉକ୍ ଘଟଣାଟି କୁରୈଶ୍‌ମାନଙ୍କର କ୍ରୋଧକୁ ଆହୁରି ବୃଦ୍ଧି କରିଦେଲା ଏବଂ ସେମାନେ ପୂର୍ବାପେକ୍ଷା ଅଧିକ ଉତ୍ସାହର ସହିତ ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତୁତି ଆରମ୍ଭ କରିଦେଲେ । ସୁତରାଂ ବଦର୍ ଯୁଦ୍ଧ କୁରୈଶମାନଙ୍କର ସେହି ପ୍ରସ୍ତୁତି ଓ ଶତ୍ରୁତାମୂଳକ ଉତ୍ସାହର ପରିଣାମ ଥିଲା । ଅତଃ ଉକ୍ତ ଘଟଣା ଯୋଗୁଁ ଉଭୟ ପକ୍ଷ ଅର୍ଥାତ୍ ମୁସଲମାନମାନଙ୍କ ମଧ୍ୟରେ ଓ ଅବଜ୍ଞାକାରୀଙ୍କ ମଧ୍ୟରେ ବାର୍ତ୍ତାଳାପ ଆରମ୍ଭ ହୋଇଗଲା ଏବଂ ପରିଶେଷରେ ନିମ୍ନ କୁରଆନୀୟ ଆୟତ୍ ଅବତୀର୍ଣ୍ଣ ହୋଇ ମୁସଲମାନମାନଙ୍କର ସାନ୍ତ୍ୱନାର କାରଣ ହେଲା । ସେହି ଏହିପରି ଅଟେ ଯେ, يَسْئَلُوْنَكَ عَنِ الشَّهْرِ الْحَرَامِ قِتَالٍ فِيْهِ قُلْ قِتَالٌ فِيْهِ كَبِيْرٌ وَصَدٌّ عَنْ سَبِيْلِ اللّٰهِ وَكُفْرٌۢ بِهٖ وَالْمَسْجِدِ الْحَرَامِ وَاِخْرَاجُ اَهْلِهٖ مِنْهُ اَكْبَرُ عِنْدَ اللّٰهِ وَالْفِتْنَةُ اَكْبَرُ مِنَ الْقَتْلِ وَلَا يَزَالُوْنَ يُقَاتِلُوْنَكُمْ حَتّٰى يَرُدُّوْكُمْ عَنْ دِيْنِكُمْ اِنِ اسْتَطَاعُوْا (ଅଲ୍ ବକରାହ୍: 218) ଅର୍ଥାତ୍ ଏହି ଲୋକମାନେ ମର୍ଯ୍ୟାଦାପୂର୍ଣ୍ଣ ମାସରେ ଯୁଦ୍ଧ କରିବା ସଂକ୍ରାନ୍ତରେ ତୁମ୍ଭଙ୍କୁ ପ୍ରଶ୍ନ କରୁଛନ୍ତି ତୁମ୍ଭେ କୁହ ଏଥି ମଧ୍ୟରେ ଯୁଦ୍ଧ କରିବା ଏକ ଗର୍ହିତ କାର୍ଯ୍ୟ ଏବଂ ଅଲ୍ଲାଃଙ୍କ ପଥରୁ ନିବୃତ୍ତ କରିବା ଓ ତାହାଙ୍କୁ ଅର୍ଥାତ ଅଲ୍ଲାଃଙ୍କ ଏବଂ ମର୍ଯ୍ୟାଦାପୂର୍ଣ୍ଣ ମସଜିଦକୁ ଅସ୍ୱୀକାର କରିବା ସେଠାକାର ନିବାସୀମାନଙ୍କୁ ତହିଁରୁ ବିତାଡ଼ିତ କରିବା ଅଲ୍ଲାଃଙ୍କ ନିକଟରେ ଏହାଠାରୁ ମଧ୍ୟ ଅଧିକ ଗର୍ହିତ କାର୍ଯ୍ୟ ଅଟେ । ଉପଦ୍ରବ ଓ ବିଶୃଙ୍ଖଳା ହତ୍ୟା ଅପେକ୍ଷା ଗୁରୁତର ପାପ ଅଟେ ଏବଂ ଏମାନଙ୍କର ଶକ୍ତି ଥିଲେ ଏମାନେ ତୁମମାନଙ୍କୁ ତୁମମାନଙ୍କ ଧର୍ମ ବିଶ୍ୱାସରୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଯୁଦ୍ଧ କରୁଥିବେ ଏବଂ ତୁମମାନଙ୍କ ମଧ୍ୟରୁ ଯେ କେହି ନିଜ ଧର୍ମ ତ୍ୟାଗ କରିବ ତେବେ ସେ ମନେରଖୁ ଯେ, ଏପରି ଲୋକମାନଙ୍କର କର୍ମଫଳ ଇହକାଳ ଓ ପରକାଳରେ ବୃଥା ହେବ ଏବଂ ଏପରି ଲୋକମାନେ ନର୍କଗାମୀ ଓ ନର୍କବାସୀ ତଥା ସେଠାରେ ଦୀର୍ଘକାଳ ପର୍ଯ୍ୟନ୍ତ ରହିବେ ।

ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ଇସଲାମ୍ ଧର୍ମ ବିରୁଦ୍ଧରେ କୁରୈଶ୍‌ର ଧନାଢ୍ୟ ବ୍ୟକ୍ତିମାନେ ନିଜର ରକ୍ତାକ୍ତମୟ ଷଡ଼ଯନ୍ତ୍ରକୁ ମର୍ଯ୍ୟାଦାପୂର୍ଣ୍ଣ ମାସରେ ମଧ୍ୟ ନିରନ୍ତର ଭାବରେ କେବଳ ଅବ୍ୟାହତ ରଖୁଥିଲେ ତାହା ନୁହେଁ। ବରଂ ମର୍ଯ୍ୟାଦାପୂର୍ଣ୍ଣ ମାସର ସମ୍ମିଳନୀ ଓ ଯାତ୍ରାରୁ ଉପକୃତ ହୋଇ ସେହି ମାସମାନଙ୍କରେ ନିଜର ଉପଦ୍ରବମୂଳକ କାର୍ଯ୍ୟରେ ଆହୁରି ଅଗ୍ରଗତି କରୁଥିଲେ। ପୁନଶ୍ଚ ଖୋଲାଖୋଲା ନିର୍ଲଜତା ମାଧ୍ୟମରେ ନିଜର ହୃଦୟକୁ ମିଛ ଆଶ୍ୱାସନା ଓ ପ୍ରତିଶୃତି ଦେବା ନିମନ୍ତେ ସେମାନେ ମର୍ଯ୍ୟାଦାପୂର୍ଣ୍ଣ ମାସକୁ ନିଜ ସ୍ଥାନରୁ ଏପଟରୁ ସେପଟ ଅର୍ଥାତ୍ ମାସର ସ୍ଥାନ ପରିବର୍ତ୍ତନ କରି ଦେଉଥିଲେ ଯାହାକୁ ସେମାନେ نسی ନାମ ଦ୍ୱାରା ଆଖ୍ୟାୟିତ କରୁଥିଲେ ଓ ପୁନଶ୍ଚ ଆଗକୁ ଯାଇ ସେମାନେ ଏହି ଉପଦ୍ରବ କରିଦେଲେ ଯେ, ସୁଲାହ୍ ହୁଦୈବିୟାହ୍ କାଳରେ ଦୃଢ଼ ଚୁକ୍ତି ଓ ସର୍ତ୍ତ ସତ୍ତ୍ୱେ ମକ୍କା ଓ ସେମାନଙ୍କ ସାଥିମାନେ ହରମ୍‌ର ଅଞ୍ଚଳରେ ମୁସଲମାନମାନଙ୍କର ଏକ ମିତ୍ର ସଂପ୍ରଦାୟ ବିରୁଦ୍ଧରେ ଖଡ଼୍‌ଗ ଚାଳନା କରିଥିଲେ। ପୁନଶ୍ଚ ମୁସଲମାନମାନେ ଯେତେବେଳେ ସେହି ସଂପ୍ରଦାୟର ସମର୍ଥନରେ ବାହାରିଲେ ସେତେବେଳେ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଠିକ୍ ହରମ୍‌ରେ ଖଡ଼୍‌ଗ ବ୍ୟବହାର କଲେ । ସୁତରାଂ ଏହି ଉତ୍ତରରୁ ମୁସଲମାନମାନଙ୍କୁ ତ' ସାନ୍ତ୍ୱନା ମିଳିବା ଅବଶ୍ୟାମ୍ଭବୀ ଥିଲା । କୁରେଶ୍‌ମାନେ ମଧ୍ୟ ଶିଥିଳ ପଡ଼ିଗଲେ ଓ ସେହି ସମୟରେ ସେମାନଙ୍କର ଲୋକମାନେ ମଧ୍ୟ ନିଜର ଦୁଇ ଜଣ ବନ୍ଦୀମାନଙ୍କୁ ମୁକ୍ତ କରିବା ନିମନ୍ତେ ମଦିନା ପହଞ୍ଚିଗଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ସାଆଦ୍ ବିନ୍ ଅବି ୱକ୍କାସ ଓ ଉତ୍‌ବା ଫେରି ଆସି ନଥିଲେ ଓ ଆଁହଜରତ ସ.ଅଙ୍କୁ ସେମାନଙ୍କ ସଂପର୍କରେ ଆଶଙ୍କା ଥିଲା ଯେ, ଯଦି ସେମାନେ କୁରୈଶ୍‌ମାନଙ୍କ ହସ୍ତରେ ଧରା ପଡ଼ିଗଲେ ସେତେବେଳେ ସେହି କୁରୈଶ୍‌ମାନେ ସେମାନଙ୍କୁ ଜୀବନ୍ତ ଛାଡ଼ିବେ ନାହିଁ । ଏଇଥିପାଇଁ ଆପଣ ସ.ଅ ସେମାନଙ୍କର ଫେରିବା ପର୍ଯ୍ୟନ୍ତ କଏଦୀମାନଙ୍କୁ ମୁକ୍ତ କରିବାକୁ ଅସ୍ୱୀକାର କରିଦେଲେ ଓ କହିଲେ ଯେ, ଯଦି ମୋର ଲୋକମାନେ ସକୁଶଳେ ମଦିନା ପହଞ୍ଚି ଯାଆନ୍ତି ତେବେ ମୁଁ ତୁମମାନଙ୍କର ଲୋକଙ୍କୁ ଛାଡ଼ିଦେବି । ସୁତରାଂ ସେହି ଦୁଇ ଜଣ ଯେତେବେଳେ ଫେରି ଆସିଲେ ସେତେବେଳେ ଆପଣସ.ଅ ଫିଦିୟା ( ) ନେଇ ଉଭୟ କଏଦୀଙ୍କୁ ମୁକ୍ତ କିରଦେଲେ । କିନ୍ତୁ ସେହି କଏଦୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମଦିନାରେ ଅବସ୍ଥାନ ସମୟରେ ଆଁହଜରତସ.ଅଙ୍କ ଉତ୍ତମ ଚରିତ୍ରବତ୍ତା ଏବଂ ଇସଲାମୀୟ ଶିକ୍ଷା ତଥା ସତ୍ୟତାର ଏତେ ଗଭୀର ପ୍ରଭାବ ପଡ଼ି ସାରିଥିଲା ଯେ, ସେହି କଏଦୀ ମୁକ୍ତ ହୋଇ ମଧ୍ୟ ଫେରିଯିବାକୁ ଅଗ୍ରାହ୍ୟ ପ୍ରକାଶ କଲା ଏବଂ ଆଁହଜରତସ.ଅଙ୍କ ହସ୍ତରେ ଦୀକ୍ଷା ଗ୍ରହଣ କରି ମୁସଲମାନ ହୋଇ ଆପଣସ.ଅଙ୍କ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲା । ପରିଶେଷରେ ବେଏରେ ମଉନା ଯୁଦ୍ଧରେ ବୀରଗତି ପ୍ରାପ୍ତ କଲେ । ସେହି ବୀର ପୁରୁଷଙ୍କ ନାମ ହକମ୍ ବିନ୍ କୈସାନ୍ ଥିଲା ।

**(ସିରତ୍ ଖାତମୁନ୍ ନବୀୟିନ୍‌ରୁ ଆନୀତ, ଲେଖକ- ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ ର.ଅ, ପୃ-330-334)**

ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ର.ଅଙ୍କ ଖଡ଼୍‌ଗ ୱହୋଦ୍ ଯୁଦ୍ଧ ଦିନ ଭାଙ୍ଗି ଯାଇଥିଲା। ଆଁହଜରତସ.ଅ ହ. ଅବ୍‌ଦୁଲ୍ଲାଃ ବିନ ଜହଶ୍ର.ଅଙ୍କୁ ଉର୍ଜୁନ୍ ଅର୍ଥାତ୍ ଖଜୁରୀ କୋଳିର ଏକ (ପିଞ୍ଚ)ଡ଼ାଳ ପ୍ରଦାନ କରିଥିଲେ । ଏହି ପିଞ୍ଚ ଡାଳ ତାଙ୍କ ହସ୍ତରେ ଖଡ଼୍‌ଗ ପରି ହୋଇ ଯାଇଥିଲା ଅର୍ଥାତ ସେହି ପିଞ୍ଚ ସାହାଯ୍ୟରେ ଆପଣର.ଅ କାର୍ଯ୍ୟ କରୁଥିଲେ। ସେହି ଦିନ ଠାରୁ ଆପଣର.ଅ ଉର୍ଜୁନ୍ ଉପାଧିରେ ଭୂଷିତ ହୋଇ ପ୍ରସିଦ୍ଧି ଅର୍ଜନ କରିଥିଲେ ।

**(ଉସ୍‌ଦୁଲ୍ ଗାବା, ଫି ମାଆରିଫତୁସ୍ ସାହାବା, ଭାଗ-3, ପୃ-196, ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ର.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 2003 ମସିହା)**

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

**(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଅବୁ ନଇମ୍ କୁହନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍[ର.ଅ] ନିଜର ପାଳନକର୍ତ୍ତାଙ୍କ ଶପଥ କରୁଥିବା ବ୍ୟକ୍ତି, ଈଶ୍ୱର ପ୍ରେମକୁ ନିଜ ମନରେ ସ୍ଥାନିତ କରୁଥିବା ବ୍ୟକ୍ତି ଅର୍ଥାତା ଈଶ୍ୱରାନୁରାଗୀ ଓ ଇସ୍‌ଲାମ୍ ଧର୍ମର ସର୍ବ ପ୍ରଥମ ଧ୍ୱଜବାହକ ଥିଲେ ।

**(ହୁଲିୟତୁଲ୍ ଅଉଲିୟା, ତବ୍‌କାତୁଲ୍ ଅସ୍‌ଫିୟା, ଭାଗ-1, ପୃ-108, ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ ର.ଅ, ଦାରୁଲ୍ ଫିକର୍, ବୈରୁତ୍, 1996 ମସିହା)**

ଇମାମ୍ ଶାବି[ର.ଅ] ବର୍ଣ୍ଣନା କରନ୍ତି ଯେ, ମୋ ନିକଟରେ ବନି ଆମିର୍ ଓ ବନି ଅସଦ୍ ସଂପ୍ରଦାୟର ଦୁଇ ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ଗର୍ବ ଓ ଅଭିମାନ ପରିପ୍ରକାଶ କରି ଆଗଇ ଆସିଲେ । ବନି ଆମିର୍ ସଂପ୍ରଦାୟର ବ୍ୟକ୍ତି ବନି ଅସଦ୍‌ର ବ୍ୟକ୍ତିର ହସ୍ତ ଧରି ରଖିଥିଲା । ଅସଦି (ବନି ଅସଦ୍ ସଂପ୍ରଦାୟର ବ୍ୟକ୍ତି) କହୁଥିଲା ଯେ, ମୋର ହସ୍ତ ଛାଡ଼ିଦିଅ । ଅପର ପକ୍ଷେ ଆମିରି (ବନି ଆମିର୍ ସଂପ୍ରଦାୟର ବ୍ୟକ୍ତି) କହୁଥିଲା ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁ ଆପଣଙ୍କୁ ଛାଡ଼ିବି ନାହିଁ । ତେବେ ଇମାମ୍ ଶାବିଇ କୁହନ୍ତି ଯେ, ମୁଁ ତା'କୁ କହିଲି ଯେ, ହେ ବନି ଆମିର୍‌ର ଭାଇ! ତା'କୁ ଛାଡ଼ିଦିଅ ଓ ଅସଦିକୁ କହିଲେ, ତୁମର ଛଅଟି ଗୁଣ ଏପରି ରହିଛି, ଯାହାକି ସମଗ୍ର ଆରବରେ କୌଣସି ବ୍ୟକ୍ତିଙ୍କ ମଧ୍ୟରେ ତାହା ବିଦ୍ୟମାନ ନାହିଁ। ସେହି ୬ଟି ଗୁଣ ଏହିପରି ଯଥା- (1) ତୁମମାନଙ୍କ ମଧ୍ୟରୁ ଜଣେ ନାରୀକୁ ଆଁହଜରତ[ସ.ଅ] ଯେତେବେଳେ ବିବାହ କରିବାକୁ ଚାହିଁଲେ ସେତେବେଳେ ଅଲ୍ଲାଃତାଲା ସେହି ବିବାହ ସମ୍ପନ୍ନ କରାଇ ଦେଲେ ଓ ସେହି ଦୁହିଁଙ୍କ ମଧ୍ୟରେ ରାଜଦୂତ ହ. ଜିବ୍ରାଇଲ୍[ଅ.ସ] ଥିଲେ । ସେହି ନାରୀ ହେଉଛନ୍ତି ହ. ଜୈନବ୍ ବିନତ୍ ହଜଶ[ର.ଅ] । ଏହା ତୁମ ଜାତି ପାଇଁ ଗର୍ବ ଓ ଗୌରବର କଥା ଅଟେ । (2) ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବୈକୁଣ୍ଠଗାମୀ ଥିଲା କିନ୍ତୁ ଏସବୁ ସତ୍ତ୍ୱେ ସେ ଭୂମି ଉପରେ ବିନୀତତାର ସହିତ ଚାଲୁଥିଲା ଏବଂ ସେହି ବ୍ୟକ୍ତି ହେଉଛନ୍ତି ହ. ଉକାଶା ବିନ୍ ମିହସନ୍[ର.ଅ] । ତେଣୁ ଏହା ତୁମ ଜାତି ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଅଟେ । (3) ଇସ୍‌ଲାମ୍ ଧର୍ମରେ ସର୍ବ ପ୍ରଥମ ଧ୍ୱଜା ବନି ଅସଦ୍ ସଂପ୍ରଦାୟର ଜଣେ ବ୍ୟକ୍ତି ଯାହାଙ୍କ ନାମ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ଥିଲା ତାଙ୍କୁ ପ୍ରଦାନ କରାଗଲା । ଏହା ତୁମ ଜାତି ପାଇଁ ଗର୍ବ ଓ ଗୌରବର କଥା । (4) ଇସ୍‌ଲାମ୍ ଧର୍ମରେ ସର୍ବପ୍ରଥମ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ମଧ୍ୟ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍[ର.ଅ] ବାଣ୍ଟିଥିଲେ । (5) ବୈଅତେ ରିଜ୍‌ୱାନ୍‌ରେ ଯେଉଁ ବ୍ୟକ୍ତି ସର୍ବ ପ୍ରଥମେ ବୈଅତ୍ କରିଥିଲା ସେ ତୁମ ସଂପ୍ରଦାୟର ବ୍ୟକ୍ତି ଥିଲା । ସେ ରସୁଲ୍ କରୀମ୍[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲା ଓ କହିଲା: ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ନିଜର ହସ୍ତ ଆଗକୁ ପ୍ରସାରିତ କରନ୍ତୁ । କାରଣ ମୁଁ ଆପଣ[ସ.ଅ]ଙ୍କ ହସ୍ତରେ ବୈଅତ୍ କରିବି । ଆପଣ[ସ.ଅ] ପ୍ରଶ୍ନ କଲେ ଯେ, ତୁମେ କେଉଁ କଥାରେ ମୋ ହସ୍ତରେ ବୈଅତ୍ କରିବ ? ସେ ଉତ୍ତର ଦେଲେ ଯେ, ଯାହା ଆପଣ[ସ.ଅ]ଙ୍କ ହୃଦୟରେ ରହିଛି । ଆଁହଜରତ[ସ.ଅ] ପୁନଶ୍ଚ ମୋତେ ପଚାରିଲେ ଯେ, ମୋ ହୃଦୟରେ କ'ଣ ରହିଛି ? ତେବେ ସେ ଉତ୍ତର ଦେଲେ ଯେ, ମୋ ହୃଦୟରେ ବିଜୟ ଓ ଶାହାଦତ୍ ବିଦ୍ୟମାନ ରହିଛି । ସୁତରାଂ ହ. ଅବୁ ସନାନ୍[ର.ଅ] ଆଁହଜରତ[ସ.ଅ]ଙ୍କ ହସ୍ତରେ ବୈଅତ୍ କରିଥିଲେ । ଏହାପରେ ଲୋକମାନେ ଆସନ୍ତି ଓ କୁହନ୍ତି ଯେ, ହ. ଅବୁ ସିନାନ୍[ର.ଅ]ଙ୍କ ପରି ଆମେ ମଧ୍ୟ ବୈଅତ୍ କରୁଛୁ । ଏହା ତୁମ ଜାତି ନିମନ୍ତେ ଗର୍ବ ଓ ଗୌରବର ବିଷୟ ଅଟେ । (6) ବଦର୍ ଯୁଦ୍ଧ ଦିନ ସାତ ଜଣ ପ୍ରବାସକାରୀମାନେ ତୁମ ସଂପ୍ରଦାୟରୁ ଥିଲେ। ତେଣୁ ଏହା ତୁମ ପାଇଁ ଗର୍ବ ଓ ଗୌରବର ପ୍ରସଙ୍ଗ । **(ହୁଲିୟତୁଲ୍ ଅଉଲିୟା ୱଲ୍ ଅସ୍‌ଫିୟା, ଭାଗ-4, ପୃ-315-316)**, ଆମିର୍ ବିନ୍ ଶରାହିଲ୍ ଅଶ୍ ଶବ୍‌ଇ, ଦାରୁଲ୍ ଫିକର୍, ବୈରୁତ୍, ୧୨୨୬ ମସିହା ।

ପୁନଶ୍ଚ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍[ର.ଅ] ଓହୋଦ୍ ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ କଲେ ସେତେବେଳେ ହ. ଜୈନବ୍ ବିନ୍‌ତ୍ ଖଜିମା ଆପଣ[ର.ଅ]ଙ୍କର ପତ୍ନୀ ଥିଲେ । ବୀରଗତି ପ୍ରାପ୍ତ ଏବଂ ଇଦ୍ଦତ୍‌ର (ସ୍ୱାମୀ ମୃତ୍ୟୁ ପରେ ୪ ମାସ ୧୦ ଦିନ ପର୍ଯ୍ୟନ୍ତ ବୈଧବ୍ୟ ନିୟମ ପାଳନ) ପୂର୍ଣ୍ଣ ହେବା ପରେ ଆଁହଜରତ[ସ.ଅ] ହ. ଜୈନବ୍ ବିନ୍‌ତ୍ ଖଜିମାଙ୍କୁ ବିବାହ କରିଥିଲେ । ଆପଣ[ର.ଅ] ଆଠ ମାସ ପର୍ଯ୍ୟନ୍ତ ଆଁହଜରତ[ସ.ଅ]ଙ୍କ ଘରେ ରହିଲେ ଓ ଏହା ମଧ୍ୟ କୁହାଯାଏ ଯେ, ଦୁଇ ତିନି ମାସ ଆପଣ[ର.ଅ] (ଅର୍ଥାତ ହ. ଜୈନବ୍ ବିନ୍‌ତ୍ ହଜିମା[ର.ଅ]) ରହିଥିଲେ ଓ ରବିଉଲ୍ ଅୱଲ୍ ମାସର ଶେଷରେ ଆପଣ[ର.ଅ]ଙ୍କ (ହ. ଜୈନବ୍ ବିନତ୍ ହଜିମା[ର.ଅ]ଙ୍କ) ଅକାଳ ବିୟୋଗ ହୋଇଥିଲା । ଆଁହଜରତ[ସ.ଅ] ଆପଣ[ର.ଅ]ଙ୍କ ନମାଜ ଯନାଜାଃ ପାଠ କରାଇଥିଲେ ଓ ଜନ୍ନତୁଲ୍ ବକି ଠାରେ ଆପଣ ର.ଅଙ୍କୁ କବର ଦେଇଥିଲେ । **(ଇମ୍‌ତାଅଲ୍ ଅସ୍‌ମାଅ, ଭାଗ-6, ପୃ-52, ଉମ୍ମୁଲ୍ ମୁମିନିନ୍ ଜୈନବ୍ ବିନ୍‌ତ୍ ଖଜିମା ର.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1999 ମସିହା)**

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ସାଲେହ୍ ଶୁକ୍ରାନ୍[ର.ଅ]। କେତେକଙ୍କ ନିକଟରେ ହ. ଶକ୍ରାନ୍[ର.ଅ] ଓ ଉମ୍ମେ ଐମନ୍‌ଙ୍କୁ ହୁଜୁର[ସ.ଅ] ନିଜର ପିତାଶ୍ରୀଙ୍କ ପକ୍ଷରୁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସାମିଲ୍ କରି ନେଇଥିଲେ ଓ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୋଇଥିଲେ । **(ଅଲ୍ ଅସ୍‌ବାତୁ ଫି ତମିଜୁସ୍ ସାହାବତା, ଭାଗ-3, ପୃ-284, ଶୁକ୍ରାନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1995 ମସିହା)** ଦୁହେଁ ଦାସ ଥିଲେ । ବଦର୍ ଯୁଦ୍ଧ ପରେ ଆଁହଜରତ[ସ.ଅ] ଦୁହିଁଙ୍କୁ ଦାସତ୍ୱ ବେଢ଼ିରୁ (ବନ୍ଧନରୁ) ମୁକ୍ତ କରି ଦେଇଥିଲେ । **(ଉସ୍‌ଦୁଲ୍ ଗାବା, ଫି ମାଆରିଫତୁସ୍ ସାହାବା, ଭାଗ-2, ପୃ-636, ଶୁକ୍ରାନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2003 ମସିହା)**

ହୁଜୁର[ସ.ଅ]ଙ୍କ ଅକାଳ ବିୟୋଗ ପରେ ଯେଉଁ ସାହାବାମାନେ ଆପଣ[ସ.ଅ]ଙ୍କୁ ସ୍ନାନ କରାଇବାର ସୌଭାଗ୍ୟ ତଥା ଗୌରବ ଅର୍ଜନ କରିଥିଲେ ତନ୍ମଧ୍ୟରେ ହ. ସାଲେହ୍ ଶକ୍ରାନ[ର.ଅ] ମଧ୍ୟ ସାମିଲ୍ ଥିଲେ । ସେହିପରି ହ. ସାଲେହ୍ ଶୁକ୍ରାନ୍[ର.ଅ]ଙ୍କ ବ୍ୟତୀତ ଆହୁରି ଆଠ ଜଣ ଏହଲେ ବୈଅତ୍ ମଧ୍ୟ ଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-36-37, ପ୍ରକାଶ ସ୍ଥାନ-ଦାରୁଲ୍ ଅହ୍‌ୟାଉତ୍ ତୁରାସିଲ୍ ଆରବି, 1996 ମସିହା)**

ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍‌ର ବର୍ଣ୍ଣନା ରହିଛି ଯେ, ହ. ସାଲେହ୍[ର.ଅ]ଙ୍କୁ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ଯେ, ସେ ଆଁହଜରତ[ସ.ଅ]ଙ୍କ ବିୟୋଗ ପରେ ଆପଣ[ସ.ଅ]ଙ୍କୁ ସ୍ନାନ କରାଇଥିଲେ । ଆଁହଜରତ[ସ.ଅ]ଙ୍କୁ ଯେତେବେଳେ ସ୍ନାନ କରାଯାଉଥିଲା ସେତେବେଳେ ଯେଉଁ ସାହାବାମାନେ ଆଁହଜରତ[ସ.ଅ]ଙ୍କ ଉପରେ ଜଳ ଢାଳୁଥିଲେ ତନ୍ମଧ୍ୟରେ ହ. ସାଲେହ୍ ଶୁକ୍ରାନ୍[ର.ଅ] ଓ ହ. ଉସ୍ୱାମା ବିନ୍ ଜୈଦ୍[ର.ଅ] ଅନ୍ୟତମ ଥିଲେ। ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଇବନେ ଅବ୍‌ବାସ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ଲୋକମାନେ ଯେତେବେଳେ ନବୀ କରୀମ୍[ସ.ଅ]ଙ୍କୁ ସ୍ନାନ କରାଇବା ନିମନ୍ତେ ଏକତ୍ରିତ ହେଲେ ସେତେବେଳେ ଆଁହଜରତ[ସ.ଅ]ଙ୍କ ଘରେ କେବଳ ଆପଣ[ସ.ଅ]ଙ୍କ ପରିବାରର ସଦସ୍ୟମାନେ ହିଁ ରହିଥିଲେ । ଆପଣ[ସ.ଅ]ଙ୍କ ଚଚା ହ. ଅବ୍‌ବାସ୍[ର.ଅ], ହ ଅଲୀ[ର.ଅ], ହ. ଫଜଲ୍ ବିନ୍ ଅବ୍‌ବାସ୍, ହ. କୁସମ୍ ବିନ୍ ଅବ୍‌ବାସ୍[ର.ଅ], ହ. ଉସ୍ୱାମା ବିନ୍ ଜୈଦ୍ ଓ ହ. ସାଲେହ୍ ଶୁକ୍ରାନ୍[ର.ଅ] ଯେକି ଆପଣ[ସ.ଅ]ଙ୍କର ସ୍ୱାଧୀନପ୍ରାପ୍ତ ଦାସ ଆଦି ପ୍ରମୁଖ ସାହାବାମାନେ ରହିଥିଲେ । ଠିକ୍ ସେହି ସମୟରେ ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଥିବା ବନୁ ଅଉଫ୍ ବିନ୍ ଖଜ୍‌ରଜ୍ ସଂପ୍ରଦାୟର ହ. ଓସ୍ ବିନ୍ ଖୌଲିୟା ଅନ୍‌ସାରୀ[ର.ଅ] ଯେକି ବଦର୍ ଯୁଦ୍ଧରେ ସାମିଲ୍ ଥିଲେ ସେ ହ. ଅଲୀ[ର.ଅ]ଙ୍କୁ ଡାକି କହିଲେ, ହେ ଅଲୀ ! ମୁଁ ଆପଣ[ସ.ଅ]ଙ୍କୁ ଅଲ୍ଲାଃତାଲାଙ୍କର ରାଣ ଦେଉଛି ଯେ, ରସୁଲୁଲ୍ଲାଃ[ସ.ଅ]ଙ୍କ ସଂକ୍ରାନ୍ତରେ ମୋର ଅଂଶ ମଧ୍ୟ ରଖିବ । ହ. ଅଲୀ[ର.ଅ] ତାଙ୍କୁ କହିଲେ: ହେ ଓସ୍ ! ଭିତରକୁ ଆସିଯାଅ । ଅତଃ ସେ ମଧ୍ୟ ଭିତରକୁ ପ୍ରବେଶ କଲେ ଓ ରସୁଲୁଲ୍ଲାଃ[ସ.ଅ]ଙ୍କୁ ସ୍ନାନ କରାଇବା ଅବସରରେ ସ୍ନାନ ସ୍ଥଳରେ ଉପସ୍ଥିତ ଥିଲେ । ସେ କିନ୍ତୁ ସ୍ନାନ କାର୍ଯ୍ୟରେ ଅଂଶ ଗ୍ରହଣ କଲେ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ହ. ଅଲୀ[ର.ଅ] କରୀମ୍[ସ.ଅ]ଙ୍କୁ ନିଜ ଛାତି ସାହାଯ୍ୟରେ ସାହାରା ଦେଲେ ଓ ଆପଣ[ସ.ଅ]ଙ୍କ କାମିସ୍ ଆପଣ[ର.ଅ]ଙ୍କ ଉପରେ ହିଁ ଥିଲା । ହ. ଅବ୍‌ବାସ୍[ର.ଅ], ଫଜଲ୍[ର.ଅ] ଓ କୁସମ୍[ର.ଅ] ହ. ଅଲୀ[ର.ଅ]ଙ୍କ ଆଁହଜରତ[ସ.ଅ]ଙ୍କ ପକ୍ଷ ବଦଳୁଥିଲେ ଓ ଉସ୍ୱାମା ବିନ୍ ଜୈଦ୍[ର.ଅ] ଓ ସାଲେହ୍ ର.ଅ ଶୁକ୍ରାନ୍[ର.ଅ] ପାଣି ଢାଳୁଥିଲେ । ହ. ଅଲୀ[ର.ଅ] ଆଁହଜରତ[ସ.ଅ]ଙ୍କୁ ସ୍ନାନ କରାଇବାକୁ ଲାଗିଲେ ।

**(ମୁସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଭାଗ-1, ପୃ-682-683, ହଦିସ୍ ନଂ-2357, ଆଲିମୁଲ୍ କୁତୁବ୍ ବୈରୁତ୍, ପ୍ରକାଶନ ସ୍ଥାନ- ଲେବ୍‌ନାନ୍, 1998 ମସିହା)**

ଅଲ୍ଲାମା ବିଲାଜରି[ର.ଅ] ଚର୍ଚ୍ଚା କଲେ ଯେ, ହ. ଉମର୍[ର.ଅ] ହ. ଶୁକ୍ରାନ୍[ର.ଅ]ଙ୍କ ସୁପୁତ୍ର ଅବ୍‌ଦୁର୍ ରହେମାନ୍ ବିନ୍ ଶୁକ୍ରାନଙ୍କୁ ହ. ଅବୁ ମୁସା ଅଶଅରୀ[ର.ଅ]ଙ୍କ ଆଡ଼କୁ ପ୍ରେରଣ କଲେ ଓ ଉଲ୍ଲେଖ କଲେ ଯେ, ମୁଁ ଆଡ଼କୁ ଏକ ପୁଣ୍ୟବାନ ସଦାଚାରୀ ବ୍ୟକ୍ତି ଅବ୍‌ଦୁର୍ ରହେମାନ୍ ବିନ୍ ସାଲେହ୍ ଶୁକ୍ରାନଙ୍କୁ ପ୍ରେରଣ କରୁଛି ଯେକି ରସୁଲୁଲ୍ଲାଃ[ସ.ଅ] ଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ଥିଲେ । ରସୁଲୁଲ୍ଲାଃ[ସ.ଅ]ଙ୍କ ଘରେ ତାଙ୍କର ପିତାଶ୍ରୀଙ୍କ ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ତାଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିବ । **(ଅଲ୍ ଇସ୍‌ବାତୁ ଫି ତମିଜିସ୍ ସାହାବତା, ଭାଗ-5, ପୃ-31, ଅବ୍‌ଦୁର୍ ରହେମାନ୍ ବିନ୍ ଶୁକ୍ରାନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1995 ମସିହା)**

ଏକ ବର୍ଣ୍ଣନା ରହିଛି ଯେ, ଅଲ୍ଲାମା ବଗ୍‌ୱୀ କୁହନ୍ତି ଯେ, ହ. ଶୁକ୍ରାନ୍[ର.ଅ] ମଦିନାରେ ବସତି ସ୍ଥାପନ କରିଥିଲେ ଓ ଆପଣ[ର.ଅ]ଙ୍କ ଏକ ଘର ବସ୍ରାହ୍ ଠାରେ ମଧ୍ୟ ଥିଲା । **(ଅଲ ଇସ୍‌ବାତୁ ଫି ତମିଜିସ୍ ସାହାବତା, ଭାଗ-3, ପୃ-258, ଅବ୍‌ଦୁର୍ ରହେମାନ୍ ବିନ୍ ଶୁକ୍ରାନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1995 ମସିହା)**

ହ. ଉମର ର.ଅଙ୍କ ଖିଲାଫତରେ ଆପଣ[ର.ଅ]ଙ୍କ ବିୟୋଗ ହୋଇଥିଲା। **(ଇମ୍‌ତାଅଲ୍ ଅସ୍‌ମା, ଗ୍ରନ୍ଥଖଣ୍ଡ-6, ପୃ-316, ଫସଲୁ ଫି ଜିକ୍ରି ମୱାଲୀ**

**ରସୁଲୁଲ୍ଲାଃ ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1999 ମସିହା)**

ତାଙ୍କ ବଂଶର ଶେଷ ବ୍ୟକ୍ତି ହାରୁନ୍ ରଶିଦଙ୍କ ଶାସନ କାଳରେ ମଦିନା ଠରେ ମୃତ୍ୟୁ ବରଣ କରିଥିଲେ । ସେହିପରି ବସ୍ରାରେ ମଧ୍ଯ ତାଙ୍କ ବଂଶର ଜଣେ ବ୍ୟକ୍ତି ରହୁଥିଲା । ମୁସଅବ୍ କୁହନ୍ତି ଯେ, ତାଙ୍କର ବଂଶ ପରମ୍ପରା ଆଗକୁ ଚାଲିଲା ଅବା ନୁହେଁ ସେ ସଂପର୍କରେ ମୋତେ ଜଣା ନାହିଁ ।

**(ଉସ୍‌ଦୁଲ୍ ଗାବା, ଫି ମାଆରିଫତୁସ୍ ସାହାବା, ଭାଗ-2, ପୃ-636, ଶୁକ୍ରାନ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 2003 ମସିହା)**

ହ. ସାଲେହ୍ ଶୁକ୍ରାନ୍ ର.ଅ ବର୍ଣ୍ଣନା କରନ୍ତି: ମୁଁ ଆଁହଜରତ[ସ.ଅ]ଙ୍କୁ ଏକ ଗଧ ଉପରେ ଆରୋହଣ ହୋଇ ଖୈବର୍ ଅଭିମୁଖେ ଯାଉଥିବାର ଦେଖିଲି । ଆପଣ[ସ.ଅ] ଇଙ୍ଗିତ ଆକାରରେ ନମାଜ ପାଠ କରୁଥିଲେ । **(ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-5, ପୃ-505-506, ହଦିସ୍- ଶୁକ୍ରାନ ମୌଲା ରସୁଲୁଲ୍ଲାଃ, ହଦିସ୍ ନଂ-16137, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)** ଅର୍ଥାତ ଗଧ ଉପରେ ଆରୋହଣ ହୋଇ ନମାଜ ପଢୁଥିଲେ । ଏହି ପ୍ରସଙ୍ଗ ଉତ୍ଥାପିତ ହୁଏ ଯେ, ଯାନ ବାହାନ ଉପରେ ଆରୋହଣ ହୋଇ ନମାଜ ପାଠ କରାଯାଇପାରେ ଅବା ନୁହେଁ ? ହ. ମାଲିକ୍ ବିନ୍ ଦୁଖଶୁମଙ୍କ ନାମ ମାଲିକ୍ ବିନ୍ ଦୁଖଶୈନ୍ ଓ ଇବ୍‌ନେ ଦୁଖଶୁନ୍ ମଧ୍ୟ ବର୍ଣ୍ଣିତ ହୋଇଛି ।

**(ସହି ବୁଖାରୀ, କିତାବୁସ୍ ସଲାତ୍, ବାବୁଲ୍ ମସାଜିଦି ଫିଲ୍ ବୁୟୁତି, ହଦିସ୍ ନଂ-425) (ମୁତାଲିଉଲ୍ ଅନୱାର୍, ଅଲା ସିହାଉଲ୍ ଆସାର୍, ଭାଗ-3, ପୃ-62, ୱଜାରତୁଲ୍ ଅକାଫି କତର, ମକତବତୁସ୍ ଶାମିଲା, 2012 ମସିହା,)**

ଆପଣ[ର.ଅ]ଙ୍କ ପିତାଶ୍ରୀଙ୍କ ନାମ ଦୁଖଶୁମ ବିନ୍ ମରସଖା ଥିଲା ଅପର ପକ୍ଷେ ତାଙ୍କର ନାମ ଦୁଖଶୁମ୍ ବିନ୍ ମାଲିକ୍ ବିନ୍ ଦୁଖଶୁମ୍ ବିନ୍ ମରସଖା ବୋଲି ମଧ୍ୟ ବର୍ଣ୍ଣିତ ହୋଇଛି । ଆପଣ[ର.ଅ]ଙ୍କ ମାତାଶ୍ରୀଙ୍କ ନାମ ଉମୈରାହ୍ ବିନତ୍ ସାଆଦ୍ ଥିଲା । **(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-3, ପୃ-414 ମାଲିକ୍ ବିନ୍ ଦୁଖଶୁମ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1990 ମସିହା) (ସିରତ୍ ଇବ୍‌ନେ ହିସ୍ଶାମ୍, ଭାଗ-2, ପୃ-336, ବିଷୟବସ୍ତୁ- ମନ୍ ବନା ୱାଆଦ୍, ଦାରୁଲ୍ କିତାବୁଲ୍ ଅରବି, ବୈରୁତ୍ ଲେବ୍‌ନାନ୍-1990)**

ହ. ମାଲିକ୍[ର.ଅ]ଙ୍କ ବିବାହ ଜମିଲା ବିନତ୍ ଉବୈ ବିନ୍ ସୁଲୁଲ୍ ସହିତ ହୋଇଥିଲା । ଯେକି କପଟବିଶ୍ୱାସୀଙ୍କ ଅଧିପତି ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲଙ୍କ ଭଉଣୀ ଥିଲେ । **(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା, ଭାଗ-7, ପୃ-52-53, ଜମିଲା ବିନତ୍ ଉବୈ ବିନ୍ ସୁଲୁଲ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍, 1994 ମସିହା)**

ସୁହୈଲ୍ ବିନ୍ ଅମରଙ୍କୁ ବନ୍ଦୀ କରିବା ଅବସରରେ ହ. ମାଲିକ୍ ର.ଅ କବିତାର ଏହି ପଂକ୍ତି କହିଥିଲେ:

اَسَرْتُ سُهَيْلًا فَلَا اَبْتَغِيْ فَتَاهَا سُهَيْلٌ اِذَا يُظَّلَمُ
اَسِيْرًا بِهٖ مِنْ جَمِيْعِ الْاُمَمُ ضَرَبْتُ بِذِی الشَّفْرِ حَتّٰى انْثَنٰى
وَخِنْدَفُ تَعْلَمُ اَنَّ الْفَتٰى وَاَ كْرَهْتُ نَفْسِيْ عَلٰى ذِيْ الْعَلَمْ

ଅର୍ଥାତ ମୁଁ ସୁହୈଲଙ୍କୁ ବନ୍ଦୀ କଲି କିନ୍ତୁ ଏହା ବଦଳରେ ମୁଁ ଅନ୍ୟ ଜାତିର ବ୍ୟକ୍ତିକୁ ବନ୍ଦୀ କରିବାକୁ ଚାହୁଁ ନାହିଁ । ବନୁ ଖିନ୍ଦଫ୍ ଜାଣନ୍ତି ଯେ, ସୁହୈଲ୍ ହିଁ ନିଜର ସଂପ୍ରଦାୟର ବୀର ପୁରୁଷ ଅଟନ୍ତି ଯେତେବେଳେ ତାଙ୍କ ଉପରେ ଅତ୍ୟାଚାର କରାଯାଏ । ମୁଁ ଧ୍ୱଜବାହକ ଉପରେ ଆକ୍ରମଣ କଲି । ଏପର୍ଯ୍ୟନ୍ତକି ସେ ଆନତ ହୋଇଗଲା ଓ ଖଣ୍ଡିତ ବ୍ୟକ୍ତିର ଓଠରୁ ଯଥାର୍ଥ ସୁହୈଲ୍ ବିନ୍ ଅମ୍ର ଥିଲେ । ଯୁଦ୍ଧ କରିବା ଯୋଗୁଁ ନିଜକୁ ବାଧ କଲେ । **(ସିରତ୍ ଇବ୍‌ନେ ହସ୍ଶାମ୍, ଭାଗ-2, ପୃ-290-291, ବିଷୟବସ୍ତୁ ଅନୁଯାୟୀ ଅମର୍ ସୁହୈଲ୍ ବିନ୍ ଅମ୍ର ଫିଦାୱ, ଦାରୁଲ୍ କିତାବୁଲ୍ ଅରବି, ବୈରୁତ୍-1990 ମସିହା)**

ବଦର୍ ଯୁଦ୍ଧର ବନ୍ଦୀମାନଙ୍କ ସଂପର୍କରେ ଉସ୍‌ଦୁଲ୍ ଗାବାର ଏକ ବର୍ଣ୍ଣନା ରହିଛି ଯେ, ଅବୁ ସାଲେହ୍ ହ. ଇବ୍‌ନେ ଅବବାସ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ଅବୁ ୟୁସର୍ ମାଲିକ୍ ବିନ୍ ଦୁଖଶୁମ୍ ଅଔଫି ଓ ତାରିକ୍ ବିନ୍ ଉବୈଦ୍ ଅନ୍‌ସାରୀ ରସୁଲ୍ଲାଃ[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ଓ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ ସ.ଅ କହିଥିଲେ, ଯେଉଁ ବ୍ୟକ୍ତି ଉକ୍ତ ଯୁଦ୍ଧରେ ଶତ୍ରୁର ବଧ କରିବ ତା'କୁ ଏତେ (ସମ୍ପଦ) ପ୍ରାପ୍ତ ହେବ ଏବଂ ଯେଉଁ ବ୍ୟକ୍ତି ଶତ୍ରୁ ସୈନ୍ୟକୁ ବନ୍ଦୀ କରିବ ତା'କୁ ଏତେ (ସମ୍ପଦ) ମିଳିବ । ତେଣୁ ମୁଁ ସତୁରୀ ଜଣ ବ୍ୟକ୍ତିଙ୍କୁ ବଧ କରିଛି ଓ ସତୁରୀ ଜଣ ଶତ୍ରୁଙ୍କୁ ବନ୍ଦୀ କରିଛି । ପ୍ରତ୍ୟୁତ୍ତରରେ ହ. ସାଆଦ୍ ବିନ୍ ମୁଆଜ୍[ର.ଅ] କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ମଧ୍ୟ ସେମାନଙ୍କ ପରି କରିପାରିବୁ । କିନ୍ତୁ ଆମେମାନେ ଅମକ କାରଣ ଯୋଗୁଁ ସେପରି କଲୁ ନାହୁଁ । କାରଣ ଆମେମାନେ ମୁସଲମାନମାନଙ୍କୁ ପଛ ପଟୁ ସୁରକ୍ଷା ଯୋଗାଉଥିଲୁ । ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ସ୍ୱଳ୍ପ ରହିଛି ଓ ଲୋକମାନେ ଅଧିକ ଅଛନ୍ତି । ଆପଣ[ସ.ଅ] ଯଦି ସେମାନଙ୍କୁ ଏତେ ଦେବେ ଯେତିକି ଆପଣ[ସ.ଅ] ପ୍ରତିଶୃତି କରିଛନ୍ତି ତେବେ ଅନ୍ୟମାନଙ୍କ ଭାଗରେ କିଛି ବି ପଡ଼ିବ ନାହିଁ (ଅର୍ଥାତ ଆମକୁ କିଛି ମିଳିବ ନାହିଁ) । ଅତଏବ୍ ଏହି ଲୋକମାନେ କଥାବାର୍ତ୍ତା ହେଉଥିଲେ କି ଠିକ୍ ସେତିକିବେଳେ ଅଲ୍ଲାଃତାଲା ଆଁହଜରତ[ସ.ଅ]ଙ୍କ ଉପରେ ଏହି ଆୟତ୍ ଅବତୀର୍ଣ୍ଣ କଲେ ଯେ, يَسْـَٔلُوْنَكَ عَنِ الْاَنْفَالِ قُلِ الْاَنْفَالُ لِلّٰهِ وَالرَّسُوْلِ **(ଅଲ୍ ଅନଫାଲ୍: 2)** ଅର୍ଥାତ ହେ ରସୁଲ୍ ! ଲୋକମାନେ ତୁମ୍ଭଙ୍କୁ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ସଂକ୍ରାନ୍ତରେ ପ୍ରଶ୍ନ କରୁଛନ୍ତି, ତୁମ୍ଭେ କୁହ ଯେ, ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ) ଅଲ୍ଲାଃଙ୍କର ଏବଂ ତାଙ୍କ ରସୁଲଙ୍କ ନିମନ୍ତେ ଉଦ୍ଦିଷ୍ଟ । ସୁତରାଂ ଅଲ୍ଲାଃଙ୍କୁ ଭୟକର ଏବଂ ପରସ୍ପର ମଧ୍ୟରେ ଶାନ୍ତି ସ୍ଥାପନ କରିବାକୁ ଚେଷ୍ଟା କର । ଯଦି ତୁମେମାନେ ବିଶ୍ୱାସକାରୀ ହୋଇଥାଆନ୍ତ ତେବେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ ଆଜ୍ଞାବହ ହୁଅ ।

**(ଉସ୍‌ଦୁଲ୍ ଗାବା, ଫି ମାଆରିଫତିସ୍ ସାହାବା, ଭାଗ-3, ପୃ-69-70, ତାରିକ୍ ବିନ୍ ଉବୈଦ୍, ଦାରୁଲ୍ କୁତୁବ)**

ୱହୋଦ୍ ଯୁଦ୍ଧ ଦିନ ଯେତେବେଳେ ମାଲିକ୍ ବିନ୍ ଦୁଖଶୁମ୍ ହ. ଖାର୍ଜା ବିନ୍ ଜୈଦ୍[ର.ଅ]ଙ୍କ ପାର୍ଶ୍ୱରୁ ଅତିକ୍ରମ କଲେ ସେତେବେଳେ ହ. ଖାର୍ଜା[ର.ଅ] ଆହତ ଓ ରକ୍ତାକ୍ତ (ରକ୍ତ ଜୁଡୁବୁଡୁ) ହୋଇ ବସିଥିଲେ । ଆପଣ[ର.ଅ]ଙ୍କୁ ୧୩ଟି ପ୍ରାଣଘାତି ଆଘାତ ଲାଗିଥିଲା । ହ. ମାଲିକ୍[ର.ଅ] ତାଙ୍କୁ କହିଲେ, କ'ଣ ଆପଣ ଜାଣନ୍ତି କି ଆଁହଜରତ ସ.ଅଙ୍କୁ ଶହୀଦ କରିଦିଆଯାଇଛି ? ପ୍ରତ୍ୟୁତ୍ତରରେ ହ. ଖାର୍ଜା[ର.ଅ] କହିଲେ, ଯଦି ଏପରି ହୋଇଥାଏ ତେବେ ଅଲ୍ଲାଃତାଲା ଚିରଞ୍ଜିବ ଅଟନ୍ତି, ସେ କେବେ ବି ମୃତ୍ୟୁ ବରଣ କରିବେ ନାହିଁ । ମୁହମ୍ମଦ[ସ.ଅ] ଇସ୍‌ଲାମ୍ ଧର୍ମର ସନ୍ଦେଶକୁ ସର୍ବତ୍ର ପହଞ୍ଚାଇ ଦେଇଛନ୍ତି । ତେଣୁ ତୁମେ ମଧ୍ୟ ନିଜ ଧର୍ମ ନିମନ୍ତେ ଯୁଦ୍ଧ କର । ଅନ୍ୟ ଏକ ବର୍ଣ୍ଣନାନୁସାରେ ହ. ମାଲିକ୍ ସାଆଦ୍ ବିନ୍ ରବିଇଙ୍କ ନିକଟବର୍ତ୍ତୀ ଦେଇ ଯେତେବେଳେ ଅତିକ୍ରମ କଲେ ସେତେବେଳେ ତାଙ୍କୁ ୧୨ଟି ଆଘାତ ଲାଗିଥିଲା । ହ. ମାଲିକ୍[ର.ଅ] ତାଙ୍କୁ ମଧ୍ୟ ସେହି ସମାନ କଥା କହିଲେ, ଫଳତଃ ସାଆଦ୍ ବିନ୍ ରବିଇ ମଧ୍ୟ କହିଲେ, ମୁଁ ସାକ୍ଷ୍ୟ ଦେଉଅଛି ଯେ, ହ. ମୁହମ୍ମଦ୍[ସ.ଅ] ନିଜ ପ୍ରଭୁଙ୍କର ସନ୍ଦେଶ ପହଞ୍ଚାଇ ଦେଇଛନ୍ତି । فَقَاتِلْ عَنْ دِيْنِك ଅତଏବ୍ ତୁମେ ଇସ୍‌ଲାମ୍ ଧର୍ମ ସକାଶେ ଯୁଦ୍ଧ କର । **(କିତାବୁଲ ମୁଗାଜି, ଲିଲ୍ ୱାକିଦିଲ୍ ମୁଜଲ୍ଲଦୁଲ୍ ଅୱଲ୍, ପୃ-280 "ଗଜୱତୁଲ୍ ୱହୋଦ୍", ଆଲିମୁଲ୍ କୁତୁବ୍-1984 ମସିହା)**

ଅନ୍ୟ ଏକ ବର୍ଣ୍ଣନାରେ ଉକ୍ତ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ଯେତେବେଳେ ରସୁଲ୍ କରୀମ୍[ସ.ଅ]ଙ୍କ ଶାହାଦତ୍‌ର ଗୁଜବ ଚାରିଆଡ଼େ ପ୍ରଚାରିତ ହେଲା ସେତେବେଳେ ହ. ମାଲିକ୍ ବିନ୍ ଦୁଖଶୁମ୍[ର.ଅ] ହ. ଖାର୍ଜା ବିନ୍ ଜୈଦ୍[ର.ଅ]ଙ୍କ ପାର୍ଶ୍ୱ ଦେଇ ଅତିକ୍ରମ କଲେ । କିନ୍ତୁ ସେ ସେତେବେଳେ ବସିଥିଲେ ଓ ତାଙ୍କ ଛାତିର ତେରଟି ପ୍ରାଣଘାତି ଆଘାତ ଲାଗିଥିଲା । ହ. ମାଲିକ୍[ର.ଅ] ତାଙ୍କୁ କହିଲେ: ହେ ଖାର୍ଜା! କ'ଣ ତୁମେ ଜାଣି ନାହଁ ଯେ, ଆଁହଜରତ[ସ.ଅ]ଙ୍କୁ ଶହୀଦ୍ କରି ଦିଆଯାଇଛି ? ହ. ଖାର୍ଜା ର.ଅ ଉତ୍ତର ଦେଲେ ଯଦି ମୁହମ୍ମଦ[ସ.ଅ] ବୀରଗତି ପ୍ରାପ୍ତ କିରଛନ୍ତି ତେବେ ନିଃସନ୍ଦେହ ଅଲ୍ଲାଃତାଲ ଚିରଞ୍ଜିବ ଅଟନ୍ତି, ସେ କେବେହେଲେ ମୃତ୍ୟୁ ବରଣ କରିବେ ନାହିଁ । ନିଃସନ୍ଦେହ ରୂପେ ଆପଣ[ସ.ଅ] ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଦେଇଛନ୍ତି । ତେଣୁ ତୁମେମାନେ ନିଜ ଧର୍ମ ସକାଶେ ଯୁଦ୍ଧ କର। ବର୍ଣ୍ଣନାକାରୀ କୁହନ୍ତି ଯେ, ପୁନଶ୍ଚ ହ. ମାଲିକ୍[ର.ଅ] ହ. ସାଆଦ୍ ବିନ୍ ରବିଇଙ୍କ ପାର୍ଶ୍ୱ ଦେଇ ଅତିକ୍ରମ କଲେ ଓ ତାଙ୍କୁ ସେତେବେଳେ 12ଟି କ୍ଷତ ଲାଗିଥିଲା । ହ. ମାଲିକ୍[ର.ଅ] ହ. ସାଆଦ୍[ର.ଅ]ଙ୍କୁ କହିଲେ । କ'ଣ ତୁମେ ଜାଣ କି ହ. ମୁହମ୍ମଦ[ସ.ଅ] ବୀରଗତି ପ୍ରାପ୍ତ କରିଛନ୍ତି । ହ. ସାଆଦ୍[ର.ଅ] ଉତ୍ତର ଦେଲେ ଯେ, ମୁଁ ଶାକ୍ଷ୍ୟ ଦେଉଅଛି ଯେ, ହ. ମୁହମ୍ମଦ[ସ.ଅ] ନିଜର ପାଳନକର୍ତ୍ତାଙ୍କୁ ସନ୍ଦେଶ ପହଞ୍ଚାଇ ଦେଇଛନ୍ତି । ସୁତରାଂ ତୁମେ ନିଜ ଧର୍ମ ସକାଶେ ଯୁଦ୍ଧ କର । କାରଣ ଅଲ୍ଲାଃତାଲା ଚିରଞ୍ଜିବ ଅଟନ୍ତି । ସେ କେବେ କି ମୃତ୍ୟୁ ବରଣ କରିବେ ନାହିଁ ।

**(ଇମ୍‌ତାଅଲ୍ ଅସ୍‌ମାଅ, ଭାଗ-1, ପୃ-165, ଓହୋଦ୍ ଯୁଦ୍ଧର ବିଷୟ ବସ୍ତୁ ଅନୁଯାୟୀ ଖାର୍ଜା ବିନ୍ ଜୈଦ୍‌ଙ୍କ ସଂପର୍କିତ ସୂଚନା)**

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ଆଁହଜରତ[ସ.ଅ]ଙ୍କୁ ହ. ମାଲିକ୍[ର.ଅ]ଙ୍କ ସଂପର୍କରେ ଏହା କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମାଲିକ୍ ହେଉଛନ୍ତି କପଟବିଶ୍ୱାସୀଙ୍କର ଆଶ୍ରୟସ୍ଥଳୀ । ଆପଣ[ସ.ଅ] କହିଲେ, କ'ଣ ସେ (ମାଲିକ୍)ନମାଜ ପଢୁ ନାହାନ୍ତି ? ଲୋକମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ ସେ ନମାଜ ତ' ପଢନ୍ତି କିନ୍ତୁ ସେଭଳି ନମାଜ ପାଠର କୌଣସି ମୂଲ୍ୟ ନାହିଁ । ପ୍ରତ୍ୟୁତ୍ତରରେ ଆଁହଜରତ[ସ.ଅ] ପୁନଃ କହିଲେ, ହେ ଲୋକମାନେ ମୋତେ ନମାଜ ପାଠକାରୀଙ୍କୁ ବଧ କରିବାରୁ ବାରଣ କରାଯାଇଛି।

**(ଅଲ୍ ମୁଅଜିମୁଲ୍ କବିର୍ ଲିତ୍ ତିବ୍ରୀ, ବାବୁଲ୍ ଐନି, ମଲ୍ ଅସ୍‌ନଦ୍ ଅତ୍‌ବାନ୍ ବିନ୍ ମାଲିକ୍, ବର୍ଣ୍ଣନା ସଂଖ୍ୟା -44, ଭାଗ-18, ପୃ-26, ମକ୍‌ତବା ଇବ୍‌ନେ ତୈମା କାହିରା)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ହ. ମାଲିକ୍ ବିନ୍ ଦୁଖ୍‌ଶୁମ୍[ର.ଅ]ଙ୍କ ସହିତ ଆସିମ୍ ବିନ୍ ଅଦିଙ୍କୁ ମସ୍‌ଜିଦ୍ ଜିରାର୍‌କୁ ଭୂମିସାତ୍ କରିବା ପାଇଁ ପ୍ରେରଣ କରିଥିଲେ। **(ଅଲ୍ ମୁନ୍ତଜିମ୍ ଫି ତାରିଖିଲ୍ ମୁଲୁକି ୱଲ୍ ଉମମି, ଲେଖକ-ଅଲ୍ଲାମା ଯୁଜି, ଭାଗ-5, ପୃ-216, ଆସିମ୍ ବିନ୍ ଅଦି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବ୍‌ନାନ୍)**

ଆପଣ[ର.ଅ]ଙ୍କ ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ, ହ. ମାଲିକ୍[ର.ଅ]ଙ୍କ ବଂଶ ପରମ୍ପରା ଆଗକୁ ବଢି ପାରି ନଥିଲା ।

**(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-415, ମାଲିକ୍ ବିନ୍ ଦୁଖ୍‌ଶୁମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍, ଲେବ୍‌ନାନ୍, 1990 ମସିହା)**

ପୁନଶ୍ଚ ହ. ଉକାଶା ବିନ୍ ମିହ୍‌ସନ୍[ର.ଅ]ଙ୍କ କିଞ୍ଚିତ ଚର୍ଚ୍ଚା ରହିଛି । ତାଙ୍କର ନାମ ଉକାଶା ଥିଲା । ମିହ୍‌ସନ୍ ବିନ୍ ହୁର୍ସାନ୍ ତାଙ୍କର ପିତା ଥିଲେ । ଅବୁ ମିହ୍‌ସନ୍ ତାଙ୍କର ଗୋତ୍ର ଥିଲା । ହ. ଅବୁ ବକର[ର.ଅ]ଙ୍କ ଶାସନ କାଳରେ 12 ହିଜ୍ରୀରେ ସେ ବୀରଗତି ପ୍ରାପ୍ତ କରିଥିଲେ । **(ଉସ୍‌ଦୁଲ୍ ଗାବା, ଫି ମାଆରିଫତୁଲ୍ ସାହାବା, ଭାଗ-4, ପୃ-64-65, ଉକାଶା ବିନ୍ ମିହ୍‌ସନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ ବୈରୁତ୍)**

ଇମାମ୍ ଶାବଇ ଉକାଶାଙ୍କ ପ୍ରଶଂସା ନିଜ ଶବ୍ଦରେ ବର୍ଣ୍ଣନା କରିଛନ୍ତି ଯେ, ଜଣେ ବ୍ୟକ୍ତି ଥିଲା ଯେକି ବୈକୁଣ୍ଠଗାମୀ ଥିଲା । କିନ୍ତୁ ତଥାପି ସେ ଭୂମି ଉପରେ ବିନୀତତାର ସହିତ ଚାଲୁଥିଲ । ସେହି ବ୍ୟକ୍ତି ହେଉଛନ୍ତି ଉକାଶା ବିନ୍ ମିହ୍‌ସନ୍ ।

**(ହୁଲିୟତୁଲୁ ଅଉଲିୟା ଓ ତବ୍‌କାତୁଲ୍ ଅସ୍‌ଫିୟା, ଭାଗ-4. ପୃ-315-316, ଆମିର୍ ବିନ୍ ଶରାହିଲ୍ ଅଶ୍ ଶାବିଇ, ଦାରୁଲ୍ ଫିକର୍ ବୈରୁତ୍, 1996 ମସିହା)**

ଦୁଇ ହିଜ୍ରୀରେ ବଦର୍ ଯୁଦ୍ଧ ପରେ ତୁରନ୍ତ ରସୁଲୁଲ୍ଲାଃ[ସ.ଅ] ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍[ର.ଅ]ଙ୍କୁ ଏକ ଅଭିଯାନରେ ସେହି ସରିୟାରେ (ସେହି ଯୁଦ୍ଧରେ ଆପଣ[ସ.ଅ] ସ୍ୱୟଂ ସମ୍ମିଳିତ ହୋଇ ନଥିଲେ ବରଂ ଅନ୍ୟକୁ ପ୍ରେରଣ କରିଥିଲେ) ଉକାଶା ମଧ୍ୟ ହ. ଅବ୍‌ଦୁଲ୍ଲାଃ ବିନ ଜହଶ୍‌ଙ୍କ ସହିତ ଥିଲେ ।

**(ଅସ୍‌ସିରତୁଲ୍ ହଲ୍‌ବିୟାହ୍, ଭାଗ-3, ପୃ-219, ସରିୟା ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍[ର.ଅ], ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ସିରତ୍ ହଲ୍‌ବିୟାହ୍‌ରେ ଉଲ୍ଲେଖ ରହିଛି ଯେ, ଓହୋଦ୍ ଯୁଦ୍ଧ ଅବସରରେ ହୁଜୁର୍[ସ.ଅ] ଅହରହ ଧନୁ ଚାଳନା କରୁଥିଲେ । ସେହି ଧନୁର ନାମ କତୁମ୍ ଥିଲା। କାରଣ ସେହି ଧନୁ ଦ୍ୱାରା ତୀର ଚାଳନା କରିବା ସମୟରେ କୌଣସି ଶବ୍ଦ ସୃଷ୍ଟି ହେଉ ନଥିଲା । ପରିଶେଷରେ ଅହରହ ଭାବରେ ତୀର ଚାଳନା କରିବା ଫଳରେ ଧନୁର ଏକ ପାର୍ଶ୍ୱ ଭାଙ୍ଗିଗଲା । ଆପଣ[ସ.ଅ]ଙ୍କ ହସ୍ତରେ ଚାଖଣ୍ଡେ ଧନୁର ଡୋର ରହିଯାଇଥିଲା । ହ. ଉକାଶା ବିନ୍ ମିସହିନ୍[ର.ଅ] ଧନୁର ଡୋର ବାନ୍ଧିବା ନିମନ୍ତେ ଆଁହଜରତ[ସ.ଅ]ଙ୍କ ଠାରୁ ଏକ ଡୋର ମାଗି ନେଲେ, କିନ୍ତୁ ତାହା ଛୋଟ ହୋଇଗଲା। ଆପଣ[ର.ଅ] କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଡୋରଟି ଛୋଟ ପଡ଼ି ଯାଇଛି । ଆପଣ[ସ.ଅ] କହିଲେ, ଆଚ୍ଛା ଡ଼ୋର ଛୋଟ ହୋଇଯାଇଛି ! ତାହାହେଲେ, ଏହି ଡୋରକୁ ଟାଣ । ହ. ଉକାଶା କୁହନ୍ତି, ମୁଁ ଡୋରକୁ ଟାଣିଲି ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତାହା ଏତେ ଦୀର୍ଘ ହୋଇଗଲା ଯେ, ମୁଁ ଧନୁର ଶେଷ ଭାଗରେ ସେହି ଡ଼ୋରକୁ ଦୁଇ ତିନି ଘେରା ଗୁଡ଼େଇ ବାନ୍ଧି ଦେଲି ।

**(ଅସ୍‌ସିରତୁଲ୍ ହଲ୍‌ବିୟାହ୍, ଭାଗ-2, ପୃ-311, "ଓହୋଦ୍ ଯୁଦ୍ଧ" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ଏକ ବର୍ଣ୍ଣନାରେ 6 ହିଜ୍ରୀରେ ଉଐନା ବିନ୍ ହିସନ୍ ଗତ୍‌ଫାନ୍‌ର ଅଶ୍ୱାରୋହୀଙ୍କ ସହିତ ଗାବାରେ ନବୀ କରୀମ୍[ସ.ଅ]ଙ୍କର ଦୁଗ୍ଧ ଦେଉଥିବା ଓଟମାନଙ୍କ ଉପରେ ଆକ୍ରମଣ କରିଥିଲା । ଆଁହଜରତ[ସ.ଅ] ଏଠାରେ ନିଜର ଓଟ ଚରାଉଥିଲେ । ଚାରଣଭୂମି ଥିଲା । ଗାବାରେ ବନୁ ଗିଫାର୍ ସଂପ୍ରଦାୟର ଜଣେ ବ୍ୟକ୍ତି ଓ ଜଣେ ମହିଳା ମଧ୍ୟ ରହୁଥିଲେ । ଶତ୍ରୁମାନେ ଆକ୍ରମଣ କରି ସେହି ବ୍ୟକ୍ତିକୁ ହତ୍ୟା କରିଦେଲେ ଓ ସେହି ମହିଳା ଏବଂ ଓଟକୁ ନିଜ ସାଙ୍ଗରେ ନେଇଗଲେ। ଉକ୍ତ ଘଟଣା ସଂପର୍କରେ ସର୍ବ ପ୍ରଥମେ ହ. ସଲ୍‌ମା ବିନ୍ ଅକ୍‌ୱା[ର.ଅ] ଅବଗତ ହୋଇଥିଲେ। ସେ ପ୍ରାତଃ ସମୟରେ ଗାବା ପାଇଁ ବାହାରିଲେ ଓ ତାଙ୍କ ସହିତ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ[ର.ଅ]ଙ୍କ ଦାସ ଓ ଅଶ୍ୱଟିଏ ଥିଲା । ଯେତେବେଳେ ସେ ସନିୟତୁଲ୍ ୱଦା ନାମକ ସ୍ଥାନରେ ଚଢିବାକୁ ଲାଗିଲେ ସେତେବେଳେ ସେ ଆକ୍ରମଣକାରୀଙ୍କ କେତେକ ଅଶ୍ୱକୁ ଦେଖି ସଲ୍‌ଆ ପର୍ବତର ଏକ ପାର୍ଶ୍ୱ ଦେଇ ଉପର ଅଭିମୁଖେ ଚଢୁଥିଲେ ଏବଂ ପଛରେ ନିଜର ଲୋକମାନଙ୍କୁ ସାହାଯ୍ୟ ପାଇଁ ଡାକ ମାରିଲେ । ପୁନଶ୍ଚ ଆକ୍ରମଣକାରୀଙ୍କ ଗୋଷ୍ଠୀର ପିଛା କରି ଶିକାରୀ ଜୀବମାନଙ୍କ ପରି ଦ୍ରୁତ ବେଗରେ ବାହାରିଲେ । ଏପର୍ଯ୍ୟନ୍ତକି ସେହି ଲୋକମାନଙ୍କୁ ଧରି ପକାଇଲେ ଏବଂ ସେମାନଙ୍କ ଉପରେ ତୀର ବର୍ଷଣ କରିବାକୁ ଆରମ୍ଭ କରିଦେଲେ । ଯେତେବେଳେ ଅଶ୍ୱାରୋହୀମାନେ ତାଙ୍କ ଆଡ଼କୁ ଧ୍ୟାନ ଦେଉଥିଲେ ସେତେବେଳେ ହ. ସଲ୍‌ମା[ର.ଅ] ପଳାୟନ କରୁଥିଲେ ଓ ଫେରି ଆସି ଯେତେବେଳେ ବି ସେ ସୁଯୋଗ ପାଉଥିଲେ ସେତେବେଳେ ତୀର୍ ବର୍ଷଣ କରୁଥିଲେ । ଆଁହଜରତ[ସ.ଅ]ଙ୍କୁ ଯେତେବେଳେ ଉକ୍ତ ଘଟଣାରା ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ[ସ.ଅ] ମଦିନାରେ ମଧ୍ୟ ଏହି ଘୋଷଣା କରିଦେଲେ ଯେ, ମଦିନା ପ୍ରତି ସମ୍ଭାବ୍ୟ ବିପଦ ରହିଛି । ସୁତରାଂ ଅଶ୍ୱାରୋହୀମାନେ ଆଁହଜରତ[ସ.ଅ]ଙ୍କ ନିକଟରେ ଏକତ୍ରିତ ହେବାକୁ ଲାଗିଲେ । ସେହି ଅଶ୍ୱାରୋହୀଙ୍କ ମଧ୍ୟରେ ହ. ଉକାଶା ବିନ୍ ମିହ୍‌ସନ୍ ଓ ଅନ୍ୟ ସାହାବାମାନେ ମଧ୍ୟ ସାମିଲ୍ ଥିଲେ । ଉକ୍ତ ଯୁଦ୍ଧରେ ହ. ଉକାଶା ବିନ୍ ମିହ୍‌ସନ୍[ର.ଅ] ଓବାର୍ ଓ ତା'ର ପୁତ୍ର ଅମ୍ର ଓବାରକୁ ଧରି ପକାଇଲେ । ସେମାନେ ଦୁହେଁ ଓଟ ଉପରେ ଆରୋହଣ ହୋଇଥିଲେ । ହ. ଉକାଶା[ର.ଅ] ସେମାନଙ୍କୁ ଗୋଟିଏ ବର୍ଚ୍ଛାରେ ହିଁ ଗୁନ୍ଥି ଦେଲେ ଏବଂ ଦୁହିଁଙ୍କର ବଧ କରିଦେଲେ ଏବଂ ସେମାନେ ଆଁହଜରତ ସ.ଅଙ୍କ ଯେଉଁ ଓଟମାନଙ୍କୁ ହରଣ କରି ନେଇଯାଇଥିଲେ ତାହାକୁ ମଧ୍ୟ ସେ ଫେରାଇ ଆଣିଲେ ।

**(ସେରାଏ ଆଲମ୍, ଲିନବଲା, ଭାଗ-2, ପୃ-5-7, ଗଜୱା ଜି କର୍ଦ୍ ମୁୱସ୍ସତୁର୍ ରିସାଲା, ବୈରୁତ୍- 1996 ମସିହା)**

ହୁଜୁର ଅନୱର୍[ଅ.ବ] କହିଲେ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଖାର୍ଜା ବିନ୍ ଜୈଦ୍[ର.ଅ] । ତାଙ୍କର ଗୋତ୍ର ଅବୁ ଜୈଦ୍ ଥିଲା। **( ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଅଲ୍ ଯୁଜ୍‌ଉସ୍ ସାଲିସ୍, ପୃ-397, "ଖାର୍ଜା ବିନ୍ ଜୈଦ୍" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍, 1990 ମସିହା)**

---

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ମୁଆଜ୍ ବିନ୍ ଜବଲ୍[ର.ଅ] ହ. ସାଆଦ୍ ବିନ୍ ମୁଆଜ୍[ର.ଅ] ଓ ହ. ଖାର୍ଜା ବିନ୍ ଜୈଦ୍[ର.ଅ] ଇହୁଦୀମାନଙ୍କର କେତେକ ବିଦ୍ୱାନ୍‌ମାନଙ୍କୁ ତୌରାତ୍‌ରେ ଉଲ୍ଲିଖିତ କେତେକ ପ୍ରସଙ୍ଗ ସଂପର୍କରେ ପ୍ରଶ୍ନ କଲେ। ସେହି ପ୍ରଶ୍ନର ଉତ୍ତର ଦେବାକୁ ସେମାନେ ଅସ୍ୱୀକାର କରିଦେଲ ଓ ସତ୍ୟକୁ ଲୁଚାଇଲେ । ଫଳତଃ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଏହି ଆୟତ୍ ଅବତୀର୍ଣ୍ଣ କଲେ:

إِنَّ الَّذِينَ يَكْتُمُونَ مَا أَنْزَلْنَا مِنَ الْبَيِّنَاتِ وَالْهُدَىٰ مِنْ بَعْدِ مَا بَيَّنَّاهُ لِلنَّاسِ فِي الْكِتَابِ أُولَٰئِكَ يَلْعَنُهُمُ اللَّهُ وَيَلْعَنُهُمُ اللَّاعِنُونَ-

ଅର୍ଥାତ୍ ଆମ୍ଭେ ତାହାକୁ ଅର୍ଥାତ୍ ଏହି ବାଣୀକୁ ପ୍ରକାଶ୍ୟ ନିଦର୍ଶନ ଓ ଉପଦେଶ ସମ୍ବଳିତ କରି ଅବତୀର୍ଣ୍ଣ କରିଅଛୁ । ତାହାକୁ ଆମ୍ଭେ ଏହି ଗ୍ରନ୍ଥ ମଧ୍ୟରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଦେବା ପରେ ମଧ୍ୟ ଯେଉଁ ଲୋକମାନେ ତାହାକୁ ଗୋପନ ରଖନ୍ତି ତେବେ ସେହିପରି ଲୋକମାନଙ୍କୁ ହିଁ ଅଲ୍ଲାଃତାଲା ଅଭିଶାପ ଦିଅନ୍ତି ।

**(ତଫ୍‌ସିର୍ ତବ୍‌ରି, ଭାଗ-3, ପୃ-250, ମକ୍‌ତବା ଇବ୍‌ନେ ତୈମିୟତୁଲ୍ କାହିରା)**

ହୁଜୁର ଅନୱର୍[ଅ.ବ] କହିଲେ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ଜିୟାଦ୍ ବିନ୍ ଲବିଦ୍[ର.ଅ] । ତାଙ୍କର ଗୋତ୍ର ଅବୁ ଅବ୍‌ଦୁଲ୍ଲାଃ ଥିଲା । ତାଙ୍କର ସଂପର୍କ ଅନ୍‌ସାରର ସଂପ୍ରଦାୟ ଖଜ୍‌ରଜ୍‌ର ଶାଖା ବନୁ ବୟାଜା ବିନ୍ ଆମିର୍ ସହିତ ଥିଲା । ଆପଣ[ର.ଅ]ଙ୍କ ବଂଶ ମଦିନା ଓ ବାଗ୍‌ଦାଦ୍‌ରେ ଅବସ୍ଥାନ କରିଥିଲା ।

**(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-448, ଜିୟାଦ୍ ବିନ୍ ଲବିଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1990 ମସିହା)**

ତାଙ୍କ ସଂପର୍କରେ ଜିହାକ୍ ବିନ୍ ନୁମାନ୍ ବର୍ଣ୍ଣନା କରନ୍ତି ଯେ, ମସ୍ରୁକ୍ ବିନ୍ ୱାଏଲ୍ ରସୁଲୁଲ୍ଲାଃ[ସ.ଅ]ଙ୍କ ନିକଟରେ ଅକିକ୍ ଉପତ୍ୟକାରୁ ମଦିନା ଅସିଲେ (ଆରବରେ ଅନେକ ଉପତ୍ୟକା, ଖାଣି ଖାଦାନ ଓ ଅନ୍ୟ ସ୍ଥାନମାନଙ୍କର ନାମ ଅକିକ ଅଟେ। ତନ୍ମଧ୍ୟରୁ ପ୍ରସିଦ୍ଧ ଉପତ୍ୟକା ହେଉଛି ଅକିକ୍ । ଏହା ମଦିନାର ଠିକ୍ ପଶ୍ଚିମ ଦିଗ ଦେଇ ଅତିକ୍ରମ କରିଥାଏ । ସେ ଯାହା ହେଉ ନା କାହିଁକି ନବୀ କରୀମ୍[ସ.ଅ]ଙ୍କ କାଳରେ ମଦିନାରୁ ମକ୍କା ଯାଉଥିବା ସଡ଼କ ମାର୍ଗ ସେହି ଅକିକ୍ ମଧ୍ୟ ଦେଇ ଅତିକ୍ରମ କରି ଜୁଲ୍ ହୁଲୈଫା ଠାରେ ପହଞ୍ଚିଥାଏ । ଉଲ୍ଲେଖକାରୀମାନେ ଉଲ୍ଲେଖ କରନ୍ତି ଯେ, ଆଜିକାର ରାସ୍ତା ମଧ୍ୟ ସେହି ରାସ୍ତା ହୋଇ ରହିଛି) ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲେ ଏବଂ ଇସ୍‌ଲାମ୍ ଧର୍ମ ଉପରେ ଭଲ ଭାବରେ ଅବିଚଳ ରହିଥିଲେ। ଆପଣ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୁଁ ଚାହୁଁଛି ଯେ, ଆପଣ ମୋ ସମୁଦାୟରେ ଏଭଳି ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କରନ୍ତୁ ଯିଏ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଥିବ । ସୁତରାଂ ଆପଣ[ସ.ଅ] ସେମାନଙ୍କ ଆଡ଼କୁ ହ. ଜିୟାଦ୍ ବିନ୍ ଲବିଦ୍ ଅନ୍‌ସାରୀଙ୍କୁ ପ୍ରେରଣ କଲେ ।

**(ଅଲ୍‌ମୁଅଜିମୁଲ୍ କବିର୍, ଭାଗ୍-2, ପୃ-336, ହଦିସ୍ ନଂ-795, ମିନ୍ ଇସ୍‌ମିହ୍ ମସ୍ରୁକ୍ ବିନ୍ ୱାଏଲ୍ ହଜ୍ରମି, ମକ୍‌ତବା ଇବନି ତୈମିୟତୁଲ୍ କାହିରା) (ଉର୍ଦ୍ଦୁ ଦାଏରା ମାଆରିଫ୍, ଇସ୍‌ଲାମ୍, ଭାଗ-13, ପୃ 414, ଦାନିଶ୍ ଗାହ୍, ପଞ୍ଜାବ, ଲାହୋର, 2005 ମସିହା)**

ହ. ଜିୟାଦ୍[ର.ଅ] 41 ହିଜ୍ରୀରେ ହ. ମୁଆୱିୟାଙ୍କ ଶାସନ କାଳର ପ୍ରାରମ୍ଭରେ ମୃତ୍ୟୁବରଣ କରିଥିଲେ । ତିବ୍ରାନି କୁହନ୍ତି ଯେ, ହ. ଜିୟାଦ୍[ର.ଅ] କୁଫା ଠାରେ ରହିଲେ ଓ ମୁସ୍‌ଲିମ୍ ଓ ଇବ୍‌ନେ ହବ୍‌ବାନ୍ କୁହନ୍ତି ଯେ, ଆପଣ[ର.ଅ] ସିରୀୟା ଠାରେ ରହିଥିଲେ । ଇବ୍‌ନେ ହବ୍‌ବାନ୍ କୁହନ୍ତି ଯେ, ଆପଣ[ର.ଅ] ବିଦ୍ୱାନ୍, ବିଜ୍ଞ ଧର୍ମତତ୍ତ୍ୱବୋଧ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ ।

**(ତେହ୍‌ଜିବୁତ୍ ତେହ୍‌ଜିବ୍, ଭାଗ-1, ପୃ-652-653, ଜିୟାଦ୍ ବିନ୍ ଲବିଦ୍ ବିନ୍ ସାଆଲ୍‌ବା, ମୁଅସ୍ସତୁର୍ ରିସାଲା, ବୈରୁତ୍ 2014 ମସିହା)**

ହ. ଜିୟାଦ୍ ବିନ୍ ଲବିଦ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍[ସ.ଅ] କୌଣସି ଏକ ବସ୍ତୁର ଚର୍ଚ୍ଚା କଲେ ଓ କହିଲେ, ଏହି ପ୍ରସଙ୍ଗଟି ଜ୍ଞାନ ନିଶ୍ଚିହ୍ନ ହେବା ସମୟରେ ହେବ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଜ୍ଞାନ କିପରି ସମାପ୍ତ ବା ନିଶ୍ଚିହ୍ନ ହୋଇପାରିବ ? ଆମେ ତ' କୁରଆନ୍ ପାଠ କରୁଛେ ଓ ନିଜର ସନ୍ତାନମାନଙ୍କୁ ମଧ୍ୟ ଶିକ୍ଷାଦାନ ଦେଉଛୁ । ଆମର ସନ୍ତାନମାନେ ସେମାନଙ୍କର ସନ୍ତାନମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି କୁରଆନ୍‌ର ଶିକ୍ଷା ପ୍ରଦାନ କୁରଥିବେ । ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଅବ୍ୟାହତ ରହିବ ସେତେବେଳେ କିପରି ଜ୍ଞାନ ଭୂପୃଷ୍ଠରୁ ନିଶ୍ଚିହ୍ନ ବା ସମାପ୍ତ ହୋଇଯିବ ? ପ୍ରତ୍ୟୁତ୍ତରରେ ଆଁହଜରତ[ସ.ଅ] କହିଲେ, ହେ ଜିୟାଦ ! ଅଲ୍ଲାଃତାଲା ତୁମର ମଙ୍ଗଳ କରନ୍ତୁ । ମୁଁ ତୁମକୁ ମଦିନାର ସବୁଠୁ ବୁଦ୍ଧିମାନ ବ୍ୟକ୍ତି ବୋଲି ମନେକରୁଛି । କ'ଣ ଇହୁଦୀମାନେ ଓ ଖ୍ରୀଷ୍ଟିଆନ୍‌ମାନେ ତୌରାତ୍ ଓ ଇଞ୍ଜିଲ୍ ପାଠ କରୁ ନାହାନ୍ତି ଯାହାକି ସେହି ଦୁଇ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିଦ୍ୟମାନ ରହିଛି ? କିନ୍ତୁ ସେମାନେ ସେହି ଧର୍ମ ଗ୍ରନ୍ଥର କୌଣସି କଥା ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି କି କୌଣସି ଆଦେଶାବଳୀର ଆଜ୍ଞା ପାଳନ କରନ୍ତି ନାହିଁ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଫିତନ୍, ବାବୁ ଜିହାବୁଲ୍ କୁରଆନ୍ ୱଲ୍ ଇଲ୍‌ମି, ହଦିସ୍ ନଂ- 4048)** ଜ୍ଞାନ ସେତେବେଳେ ନିଶ୍ଚିହ୍ନ ବା ସମାପ୍ତ ହୋଇଯିବ ଯେତେବେଳେ ମୁସଲମାନମାନେ ପବିତ୍ର କୁରଆନ୍ କରୀମ୍ ପାଠ କରିବେ ସତ କିନ୍ତୁ ମୁସଲମାନମାନେ ତାହାର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ । ଏହି ଅବସ୍ଥା ଆମେମାନେ ଆଜିକାଲି ଅବଲୋକନ କରୁଛୁ ।

ପୁନଶ୍ଚ ୟଜିଦ୍ ବିନ୍ ଅବ୍‌ଦୁଲ୍ଲାଃ କୁସୈତ୍‌ଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସତ୍ୟବାଦୀ ହ. ଅବୁ ବକର[ର.ଅ] ଇକ୍ରମା ବିନ୍ ଅବୁ ଜହଲ୍‌କୁ ପାଞ୍ଚ ଶହ ମୁସଲମାନମାନଙ୍କ ସମେତ ହ. ଜିୟାଦ୍ ବିନ୍ ଲବିଦ[ର.ଅ] ଓ ହ. ମୁହାଜିର୍ ବିନ୍ ଅବି ଉମୈୟାହ୍‌ଙ୍କ ସାହାଯ୍ୟ କରିବା ସକାଶେ ପ୍ରେରଣ କରିଥିଲେ । ସେମାନେ ସୈନ୍ୟ ନିକଟରେ ସେତେବେଳେ ପହଞ୍ଚିଲେ ଯେତେବେଳେ ସେମାନେ ନୁଜୈର୍ ଯାହାକି ୟମନ୍‌ରେ ଅବସ୍ଥିତ, ତାହାକୁ ଜୟ କରି ନେଇଥିଲେ । ପୁନଶ୍ଚ ହ. ଜିୟାଦ୍ ବିନ୍ ଲବିଦ୍[ର.ଅ] ତାଙ୍କୁ ମାଲେ ଗନିମତ୍ (ଯୁଦ୍ଧ ଲବ୍ଧ ସମ୍ପଦ)ରେ ଭାଗ ପ୍ରଦାନ କଲେ । ବିଜୟ ପରେ ଏହି ପ୍ରତିନିଧି ମଣ୍ଡଳ ପହଞ୍ଚିଥିଲା । ଇମାମ୍ ଶାଫେଇ କୁହନ୍ତି ଯେ, ହ. ଜିୟାଦ୍[ର.ଅ] ସେହି ପ୍ରସଙ୍ଗ ସଂକ୍ରାନ୍ତରେ ହ. ଅବୁ ବକର[ର.ଅ]ଙ୍କୁ ପତ୍ର ଲେଖିଥିଲେ। ହ. ଅବୁ ବକର[ର.ଅ] ତାଙ୍କୁ ପ୍ରତ୍ୟୁତ୍ତରର ପତ୍ର ଲେଖିଲେ ଯେ, ମାଲେ ଗନିମତ ଉପରେ କେବଳ ସେହି ବ୍ୟକ୍ତିର ଅଧିକାର ହିଁ ରହିଛି ଯିଏ ଯୁଦ୍ଧରେ ସାମିଲ୍ ହୋଇଥିବ । ତାଙ୍କ ବିଚାରରେ ଇକ୍ରମାର କୌଣସି ଭାଗ ହେଉ ନଥିଲା । କାରଣ ସେ ସେହି ଯୁଦ୍ଧରେ ସାମିଲ୍ ହୋଇ ନଥିଲା । ହ. ଜିୟାଦ୍ ନିଜର ସାଥିମାନଙ୍କ ଠାରେ ଏ ସଂପର୍କରେ କଥାବାର୍ତ୍ତା କଲେ (ପରମାର୍ଶ କଲେ) ତେବେ ସେମାନେ ଇକ୍ରମା ଓ ତା'ର ସୈନ୍ୟବାହିନୀକୁ ଆନନ୍ଦ ସହକାରେ ଉକ୍ତ ମାଲେ ଗନିମତ୍‌ରେ ସାମିଲ୍ କରି ନେଇଥିଲେ ।

**(କିତାବୁସ୍ ସୁନନୁଲ୍ କୁବ୍ରା, ଭାଗ-9, ପୃ-86, କିତାବୁସ୍ ସୈର୍, ବାବୁଲ୍ ଗନିମତା ଲିମନ୍ ଶହଦଲ୍ ୱାକିଆ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ)**

ହୁଜୁର ଅନ୍‌ୱର୍[ଅ.ବ] କହିଲେ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି, ହ. ଖାଲିଦ୍ ବିନ୍ ବୁକୈର୍[ର.ଅ] । ତାଙ୍କ ପିତାଙ୍କ ନାମ ବୁକୈର୍ ବିନ୍ ଅବଦେ ୟାଲୈଲ୍ ଥିଲା । ହ. ଖାଲିଦ୍ ବିନ୍ ବୁକୈର୍[ର.ଅ]ଙ୍କ ସଂପର୍କ ବନୁ ସାଆଦ୍ ସହିତ ଥିଲା । ସେ ବନି ଅଦିର ମିତ୍ର ଥିଲେ । **(ଉସ୍‌ଦୁଲ୍ ଗାବା, ଭାଗ-2, ପୃ-194, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ଆମେମାନେ ୟାସ୍ ଓ ତାଙ୍କର ଭାଇ ଆକିଲ୍, ଖାଲିଦ୍ ଓ ଆମିର୍‌ଙ୍କ ବ୍ୟତୀତ ଅନ୍ୟ କୌଣସି ଏପରି ଚାରି ଭାଇଙ୍କ ସଂପର୍କରେ ଜାଣି ନାହୁଁ ଯେ ସେମାନେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ସେହି ଚାରି ଭାଇ ଯାକ ଏକା ସାଙ୍ଗରେ ପ୍ରବାସ କରିଥିଲେ ଓ ମଦିନାରେ ରିଫାଅ ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍‌ଙ୍କ ଘରେ ଅଧିବାସ ଗ୍ରହଣ କରିଥିଲେ ।

**(ଅଲ୍ ଇସାବତୁ ଫି ତମିଜିସ୍ ସାହାବତୁଲ୍ ଅୱଲି, ପୃ-310, ଇୟାସ୍ ବିନ୍ ଅବି ବୁକୈର୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟହା ବୈରୁତ)**


## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ପରେ ଉଜଲ୍ ସଂପ୍ରଦାୟ ଓ କାରାହ୍ ସଂପ୍ରଦାୟର କିଛି ଲୋକ ଆଁହଜରତ[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ଓ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଇସ୍‌ଲାମ୍ ଧର୍ମ ପ୍ରତି ଆକୃଷ୍ଟ ହେଉଛୁ ତେଣୁ ଆପଣ[ସ.ଅ] ଆମ ସହିତ ଆପଣଙ୍କର ସାହାବାମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ପ୍ରେରଣ କରନ୍ତୁ । କାରଣ ସେମାନେ ସେହି ସାହାବାମାନେ ଆମ ଜାତିର ଲୋକମାନଙ୍କୁ ଧର୍ମ ଶିକ୍ଷା ପ୍ରଦାନ କରିବେ ଓ ପବିତ୍ର କୁରଆନ୍ କରୀମ୍ ପାଠ କରାଇବେ । ଆଁହଜରତ[ସ.ଅ] ହ. ମୁର୍ସଦ୍ ବିନ୍ ଅବି ମୁର୍ସଦ୍‌ଙ୍କ ନେତୃତ୍ୱରେ ଛଅ ଜଣ ସାହାବାମାନଙ୍କୁ ସେମାନଙ୍କ ସହିତ ପ୍ରେରଣ କରିଦେଲେ । ତନ୍ମଧ୍ୟରେ ହ. ଖାଲିଦ୍ ବିନ୍ ବୁକୈର୍ ର.ଅ ମଧ୍ୟ ସାମିଲ୍ ଥିଲେ । ସୁତରାଂ ଆଁହଜରତ[ସ.ଅ] ତାଙ୍କୁ (ହ. ଖାଲିଦ୍ ବିନ୍ ବୁକୈରଙ୍କୁ) ଧର୍ମ ଶିକ୍ଷା ଏବଂ ପବିତ୍ର କୁରଆନ୍ କରୀମ୍ ପଢାଇବା ପାଇଁ ଏକ ଜାତି ଅଭିମୁଖେ ଅନ୍ୟ ୫ଜଣ ବ୍ୟକ୍ତିଙ୍କ ସହିତ ପ୍ରେରଣ କରିଥିଲେ । ସେହି ଲୋକମାନେ ଯେଉଁମାନେ ହ. ବୁକୈର୍[ର.ଅ]ଙ୍କୁ ଧର୍ମ ଏବଂ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ନିମନ୍ତେ ନିଜ ସାଙ୍ଗରେ ନେଇଥିଲେ ସେମାନେ କିନ୍ତୁ ହ. ବୁକୈର୍[ର.ଅ]ଙ୍କୁ ଛଳନାପୂର୍ବକ ଶହୀଦ୍ ମଧ୍ୟ କରି ଦେଇଥିଲେ ।

**(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିସ୍ଶାମ, ପୃ-591-592, ଜିକ୍ରୁ ୟୌମୁର୍ ରିଇ ଫି ସଲାସି, ଦାରୁଲ୍ କତୁବୁଲ୍ ଇଲମିୟାହ୍, ବୈରୁତ୍, 2001 ମସିହା)**

ପରବର୍ତ୍ତୀ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଅମ୍ମାର୍ ବିନ୍ ୟାସିର୍[ର.ଅ]। ତାଙ୍କର ଗୋତ୍ର ଅବୁ ୟକ୍‌ଜାନ୍ ଥିଲା ।

**(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍ ଭାଗ-3, ପୃ-187, ଅମ୍ମାର ବିନ୍ ୟାସିର୍, ଦାରୁଲ୍ କୁତୁବୁଲ୍ ଇଲମିୟହା, ବୈରୁତ୍, 1990 ମସିହା)**

ତାଙ୍କ ସଂପର୍କରେ ହ. ମୁସଲେହ୍ ମଉଦ୍ ର.ଅ ଇତିହାସର ପୁସ୍ତକରୁ ଆହରଣ କରି ଉଲ୍ଲେଖ କରିଛନ୍ତି ଯେ, "ଏକଦା ଆଁହଜରତ[ସ.ଅ] ଅମ୍ମାର୍ ନାମକ ଜଣେ ଦାସଙ୍କ ନିକଟରୁ ଅତିକ୍ରମ କଲେ । ତେବେ ଆପଣ[ସ.ଅ] ଦେଖିଲେ ସେ ଦୀର୍ଘ ନିଃଶ୍ୱାସ ନେଉଥିଲେ ଏବଂ ଆଖିର ଲୁହ ପୋଛୁଥିଲେ । ଆପଣ[ସ.ଅ] ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅବସ୍ଥା ପଚାରି ବୁଝିଲେ । ଅମ୍ମାର୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଶତ୍ରୁମାନେ ମୋତେ ସେ ପର୍ଯ୍ୟନ୍ତ ମାରି ଚାଲିଥିଲେ ଯେପର୍ଯ୍ୟନ୍ତ ସେମାନେ ମୋ ଠାରୁ ଆପଣ[ସ.ଅ]ଙ୍କ ବିରୁଦ୍ଧରେ ମନ୍ତବ୍ୟ ଶୁଣି ନନେଇଥିଲେ । ହୁଜୁର[ସ.ଅ] କହିଲେ, ତୁମେ ନିଜ ମନରେ କ'ଣ ଅନୁଭବ କରୁଛ ? ଅମ୍ମାର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ମନରେ ଆପଣ ସ.ଅଙ୍କ ପ୍ରତି ଅତୁଟ ବିଶ୍ୱାସ ଓ ଶ୍ରଦ୍ଧା ରହିଛି। ପ୍ରତ୍ୟୁତ୍ତରରେ ହୁଜୁର୍[ସ.ଅ] କହିଲେ, ଯଦି ତୁମ ମନରେ ଆଶ୍ୱସ୍ତିପୂର୍ଣ୍ଣ ଅତୁଟ ବିଶ୍ୱାସ ଓ ଶ୍ରଦ୍ଧାଭାବ ରହିଛି ତେବେ ପ୍ରଭୁ ତୁମର ଦୋଷ ଦୁର୍ବଳତାକୁ ଅବଶ୍ୟ କ୍ଷମା କରିଦେବେ ।"

**(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-195)**

ହ.ଅମ୍ମାର ବିନ୍ ୟାସିର୍ ର.ଅଙ୍କ ହବଶା ଅଭିମୁଖେ ପ୍ରବାସେ କରିବା ସଂପର୍କରେ ମତାନ୍ତର ଦେଖିବାକୁ ମିଳେ । କେତେକଙ୍କ ବିଚାରରେ ଆପଣ ର.ଅ ହବଶା ଅଭିମୁଖେ ଦ୍ୱିତୀୟ ପ୍ରବାସରେ ସାମିଲ୍ ହୋଇଥିଲେ ।

**(ଅତ୍‌ତବ୍‌କାତୁଲ୍ କୁବ୍ରା, ଲଇବ୍‌ନି ସାଆଦ୍, ଭାଗ-3, ପୃ-189, ଅମ୍ମାର୍ ବିନ୍ ୟାସିର୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1990 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉସ୍‌ମାନ୍[ର.ଅ]ଙ୍କ ହୋଇଥିବା ଉପଦ୍ରବର ଚର୍ଚ୍ଚା କରି ହ. ଖଲିଫତୁଲ୍ ମସିହ୍ ସାନି[ର.ଅ] ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଉପଦ୍ରବ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ସାହାବାମାନଙ୍କୁ ମଧ୍ୟ ଏଭଳି ପତ୍ର ହସ୍ତଗତ ହେବାକୁ ଲାଗିଲା ଯହିଁରେ ଗଭର୍ଣ୍ଣରମାନଙ୍କ ବିରୁଦ୍ଧରେ ଅଭିଯୋଗ ଉଲ୍ଲେଖ ରହୁଥିଲା । ଅତଃ ସାହାବାମାନେ ହ. ଉସମାନ୍[ର.ଅ]ଙ୍କୁ ଗଭର୍ଣ୍ଣରମାନଙ୍କ ସଂକ୍ରାନ୍ତରେ ସେହି କଥା ଦ୍ୱାରା ଅବଗତ କରି କହିଲେ, ହେ ଅମୀରୁଲ୍ ମୁମିନିନ୍! କ'ଣ ଆପଣଙ୍କୁ ଜ୍ଞାତ ନାହିଁ ଯେ, ବାହାରେ କ'ଣ ଚାଲିଛି ? ପ୍ରତ୍ୟୁତ୍ତରରେ ଆପଣ[ର.ଅ] ସାହାବାମାନଙ୍କୁ କହିଲେ, ମୋତେ ଯେଉଁ ରିପୋର୍ଟ ହସ୍ତଗତ ହେଉଅଛି ତହିଁରୁ ଏହା ପ୍ରତିଭାତ ହୁଏ ଯେ, ସବୁ ସକୁଶଳ ଓ ମଙ୍ଗଳ ରହିଛି । ସାହାବାମାନେ କହିଲେ ଆମମାନଙ୍କ ନିକଟକୁ ଗଭର୍ଣ୍ଣରମାନଙ୍କ ବିରୁଦ୍ଧରେ ବାହାରୁ ପତ୍ର ହସ୍ତଗତ ହେଉଛି । ତେଣୁ ଏହାର ତଦନ୍ତ ହେବା ଉଚିତ୍ । ସୁତରାଂ ହ. ଉସ୍‌ମାନ୍[ର.ଅ] ଏ ସଂପର୍କରେ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, ତଦନ୍ତ କିପରି ହେବା ଉଚିତ୍ ? ସାହାବାମାନଙ୍କ ପରାମର୍ଶ ଅନୁଯାୟୀ ଆପଣ[ର.ଅ] ଉସ୍‌ସାମା ବିନ୍ ଜୈଦ୍[ର.ଅ]ଙ୍କୁ ବସ୍ରା ଅଭିମୁଖେ ପ୍ରେରଣ କଲେ, ମୁହମ୍ମଦ ବିନ୍ ମୁସଲିମଙ୍କୁ କୁଫା ଆଡ଼କୁ ପ୍ରେରଣ କଲେ, ଅବଦୁଲ୍ଲାଃ ବିନ୍ ଉମରଙ୍କୁ ସିରୀୟା ଅଭିମୁଖେ ଓ ଅମ୍ମାର୍ ବିନ୍ ୟାସିରଙ୍କୁ ମିସର୍ ଅଭିମୁଖେ ତଦନ୍ତ ନିମନ୍ତେ ପ୍ରେରଣ କରିଥିଲେ । ଆପଣ[ର.ଅ] ସମସ୍ତଙ୍କୁ ଏହି ନିର୍ଦ୍ଦେଶ ଦେଲେ ଯେ, ସମସ୍ତେ ସେଠାକାର ପରିସ୍ଥିତି ସଂପର୍କରେ ତଦନ୍ତ କରି ରିପୋର୍ଟ ପ୍ରେରଣ କରନ୍ତୁ ଯେ, କ'ଣ ପ୍ରକୃତରେ ଉମରା (ଧନାଢ୍ୟ ଅଧିପତିମାନେ)ମାନେ ଜନତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି, କଠୋରତା ଅବଲମ୍ବନ କରୁଛନ୍ତି ଓ ଲୋକମାନଙ୍କ ଅଧିକାରକୁ ହଡ଼ପ କରି ନେଉଛନ୍ତି ? ଉପରୋକ୍ତ ଚାରି ଜଣ ସାହାବାମାନଙ୍କୁ ହ. ଉସମାନ୍[ର.ଅ] ବିଭିନ୍ନ ସହର ଆଡ଼କୁ ପ୍ରେରଣ କଲେ । କାରଣ ସେମାନେ ସେଠାକାର ପରିସ୍ଥିତି ସଂପର୍କରେ ତଦନ୍ତ କରି ଆପଣ[ର.ଅ]ଙ୍କୁ ସଠିକ୍ ରିପୋର୍ଟ ଦ୍ୱାରା ଅବଗତ କରନ୍ତୁ ।

**(ତବ୍‌ରୀ, ଭାଗ-6, ପୃ-2943, ପ୍ରକାଶନ ସ୍ଥାନ-ବୈରୁତ୍)**

ସୁତରାଂ ଆପଣ[ର.ଅ] ଉପରୋକ୍ତ ସମସ୍ତ ସାହାବାମାନଙ୍କୁ ତଦନ୍ତ ନିମନ୍ତେ ପ୍ରେରଣ କଲେ । ସମସ୍ତ ସାହାବାମାନେ ସେହି ସବୁ ସହର ବା ସ୍ଥାନକୁ ଯାଇ ତଦନ୍ତ କଲେ ଏବଂ ତଦନ୍ତ ପରେ ସେମାନେ ଫେରି ଆସି ଆପଣ[ର.ଅ]ଙ୍କ ନିକଟରେ ସକାରାତ୍ମକ ରିପୋର୍ଟ ପ୍ରେରଣ ଉପସ୍ଥାପିତ କଲେ ଯେ, ସର୍ବତ୍ର କୁଶଳ ମଙ୍ଗଳ ତଥା ଶାନ୍ତି ରହିଛି ଓ ମୁସଲମାନମାନେ ସ୍ୱାଧୀନତାର ସହିତ ଜୀବନ ଯାପନ କରୁଛନ୍ତି । ମୁସଲମାନମାନଙ୍କର ଅଧିକାରକୁ ଆଦୌ କ୍ଷୁର୍ଣ୍ଣ କରାଯାଉ ନାହିଁ । ଶାସକ ଜନତାମାନଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ହ. ଅମ୍ମାର୍[ର.ଅ]ଙ୍କ ପକ୍ଷରୁ କୌଣସି ଉତ୍ତର ପ୍ରାପ୍ତ ହେଲା ନାହିଁ ଏବଂ ତହିଁରେ ଏତେ ବିଳମ୍ବ ଘଟିଲା ଯେ, ହ. ଉସ୍‌ମାନ୍[ର.ଅ] ଓ ମଦିନାବାସୀ ଏହି ଆଶଙ୍କା କଲେ ଯେ, ସମ୍ଭବତଃ ହ. ଅମ୍ମାର୍[ର.ଅ] ଶହୀଦ୍ ହୋଇ ଯାଇଛନ୍ତି । କିନ୍ତୁ ବାସ୍ତବରେ ହ. ଅମ୍ମାର ନିଜର ସରଳ ସ୍ୱଭାବ, ନିରୀହ ପଣିଆ ଯୋଗୁଁ ରାଜନୈତିକତା ସହିତ ଅପରିଚିତ ହେବା ଯୋଗୁଁ ଉପଦ୍ରବକାରୀଙ୍କ ଫାସରେ ପଡ଼ି ଯାଇଥିଲେ, ସେହି ଉପଦ୍ରବକାରୀମାନେ ଅବ୍‌ଦୁଲ୍ଲାଃ ବିନ୍ ସବାର ଶିଷ୍ୟ ଥିଲେ ।

ମିସରରେ ଯଦିଓ ସ୍ୱୟଂ ଅବ୍‌ଦୁଲ୍ଲାଃ ବିନ୍ ସବା ଉପସ୍ଥିତ ଥିଲା ଓ ସେ ଏହି କଥାରୁ ଅପରିଚିତ ନଥିଲେ ଯେ, ଯଦି ସେହି ତଦନ୍ତକାରୀ ପ୍ରତିନିଧି ମଣ୍ଡଳ ସମସ୍ତ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ନିର୍ଣ୍ଣୟ ଶୁଣାଇଲେ ତେବେ ସମସ୍ତ ଲୋକମାନେ ଆମ ବିରୁଦ୍ଧରେ ହୋଇଯିବେ । ସେହି ପ୍ରତିନିଧି ମଣ୍ଡଳକୁ ପ୍ରେରଣ କରିବାର ନିଷ୍ପତ୍ତି ହଠାତ୍ ନିଆଯାଇଥିଲା ଯେ, ଅନ୍ୟ ଅଞ୍ଚଳରେ ସେ କୌଣସି ବ୍ୟବସ୍ଥା କରିପାରି ନଥିଲା । କିନ୍ତୁ ମିସରର ବ୍ୟବସ୍ଥା ତା' ପକ୍ଷେ ସହଜସାଧ୍ୟ ଥିଲା । ଅତଏବ ହ. ଅମ୍ମାର୍ ବିନ୍ ୟାସିର୍ ଯେମିତି ମିସରରେ ପ୍ରବେଶ କଲେ ଅବ୍‌ଦୁଲ୍ଲାଃ ବିନ୍ ସବା ତାଙ୍କୁ ସ୍ୱାଗତ କଲା ଓ ମିସରର ଶାସକ ଅମ୍ର ବିନ୍ ଆସଙ୍କ ଅବଗୁଣ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିବାକୁ ଆରମ୍ଭ କରିଦେଲା । ହ. ଅମ୍ମାର୍ ବିନ୍ ୟାସିର୍ ଅବ୍‌ଦୁଲ୍ଲାଃ ବିନ୍ ସବାର ଯାଦୁକରୀ କଥନର ପ୍ରଭାବରୁ ସୁରକ୍ଷିତ ରହି ପାରିଲେ ନାହିଁ । ତେଣୁ ହ. ଅମ୍ମାରି ବିନ୍ ୟାସିର୍ ନିରପେକ୍ଷ ତଦନ୍ତ କରିଥାଆନ୍ତେ ଓ ହ. ଅମ୍ର ବିନ୍ ଆସ[ର.ଅ]ଙ୍କ ପାଖକୁ ଯାଇ ଥାଆନ୍ତେ । ସେ କିନ୍ତୁ ଅମ୍ର ବିନ୍ ଆସ[ର.ଅ]ଙ୍କ ନିକଟକୁ ଗଲେ ନାହିଁ କି ସାଧାରଣ ତଦନ୍ତ ମଧ୍ୟ କଲେ ନାହିଁ । ବରଂ ଅମ୍ମାର୍ ବିନ୍ ୟାସିର୍ ସେହି ଉପଦ୍ରବୀ ଗୋଷ୍ଠୀ ସହିତ ଚାଲିଗଲେ ଓ ସେମାନଙ୍କ ସହିତ ମିଶି ହ. ଅମ୍ର ବିନ୍ ଆସ୍[ର.ଅ]ଙ୍କ ବିପକ୍ଷରେ ଆପତ୍ତି କରିବାକୁ ଲାଗିଲେ ।

ସାହାବାମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ସେହି ଉପଦ୍ରବୀ ଗୋଷ୍ଠୀଙ୍କ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍‌ଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଫାସରେ ପଡ଼ିଥିବାର ଜ୍ଞାତ ହୁଏ ତେବେ କେବଳ ହ. ଅମ୍ମାର ବିନ୍ ୟାସିର୍ର.ଅ ହିଁ ଅଟନ୍ତି । ତାଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଖ୍ୟାତ ସାହାବାମାନେ ସେହି ଉପଦ୍ରବୀ ଫାସରେ ପଡ଼ି ନଥିଲେ ଏବଂ ସେମାନଙ୍କ ଉପଦ୍ରବରେ ସାମିଲ୍ ହୋଇ ନଥିଲେ ।

ଅତଃ ହ. ମୁସ୍‌ଲେହ୍ ମଉଦ୍ର.ଅ କୁହନ୍ତି, ଅମ୍ମାର୍ ବିନ୍ ୟାସିର୍ର.ଅଙ୍କ ସେହି ଉପଦ୍ରବକାରୀଙ୍କ ଫାସରେ ପଡ଼ିଯିବା ପଛରେ ଏକ ବିଶିଷ୍ଟ କାରଣ ନିହିତ ଥିଲା। ଏହା ନୁହେଁ ଆପଣର.ଅ ନାଉଜୁ ବିଲ୍ଲାଃ କପଟ ବିଶ୍ୱାସୀ ଥିଲେ । ସେହି କାରଣଟି ଏହିପରି ଯେ, ଆପଣର.ଅ ମିସର ପହଞ୍ଚିବା କ୍ଷଣି ସେହି ଉପଦ୍ରବକାରୀମାନେ ଆପଣ ର.ଅଙ୍କୁ ଘେରିଗଲେ ଏବଂ ସେମାନେ ନିଜର ତୀକ୍ଷ୍ଣ ବଚନ ଓ କଟୁ ବାଣୀ ଦ୍ୱାରା ମିସର୍ର ଶାସକଙ୍କ ବିରୁଦ୍ଧରେ ଅଭିଯୋଗ ଆରମ୍ଭ କରିଦେଲେ ଏବଂ ଅମ୍ମାର ବିନ୍ ୟାସିର୍ର.ଅ ନିଜର ସରଳତା ଏବଂ ନିରୀହ ପଣିଆ ଯୋଗୁଁ ସେମାନଙ୍କର ଅଭିଯୋଗକୁ ଗ୍ରହଣ କରି ନେଇଥିଲେ । ଦୈବାତ୍ ମିସରର ଶାସକ ଏଭଳି ଜଣେ ବ୍ୟକ୍ତି ଥିଲେ ଯିଏକି ଏକ ସମୟରେ ଆଁହଜରତସ.ଅଙ୍କର ଘୋର ଶତ୍ରୁ ଥିଲେ । ଆଁହଜରତସ.ଅ ତାଙ୍କ ସଂପର୍କରେ ମକ୍କା ବିଜୟ ସମରେ ଏହି ଆଦେଶ ଦେଇଥିଲେ ଯେ, ଅମ୍ର ବିନ୍ ଆସ ଯଦି ଖାନା କାଆବା ମଧ୍ୟରେ ହିଁ ଥାଆନ୍ତୁ ପଛେ। ମୁସଲମାନମାନଙ୍କୁ ମିଳି ଯାଆନ୍ତି ତେବେ ତାଙ୍କୁ ବଧ କରିଦିଆଯାଉ। କିନ୍ତୁ ପରବର୍ତ୍ତୀ ସମୟରେ ଆଁହଜରତସ.ଅ ହ. ଅମ୍ର ବିନ୍ ଆସର.ଅଙ୍କୁ କ୍ଷମା କରି ଦେଇଥିଲେ। କିନ୍ତୁ ପ୍ରଥମ ବିରୋଧର ପ୍ରଭାବ କେତେକ ସାହାବାମାନଙ୍କ ହୃଦୟରେ ବାକି ରହିଯାଇଥିଲା । ସେହି ସାହାବାମାନଙ୍କ ମଧ୍ୟରେ ହ. ଅମ୍ମାର ବିନ୍ ୟାସିର୍ର.ଅ ମଧ୍ୟ ଅନ୍ୟତମ ଥିଲେ । ତେଣୁ ହ. ଅମ୍ମାର୍ ବିନ୍ ୟାସିର୍ ର.ଅ ଏଭଳି ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗ ଓ ଆପତ୍ତି ଶୁଣି ଖୁବଶୀଘ୍ର ପ୍ରଭାବିତ ହୋଇଯାଇଥିଲେ । ସେ ହ. ଅମ୍ର ବିନ୍ ଆସ୍ର.ଅଙ୍କ ଉପରେ ଲାଗିଥିଲା ସମସ୍ତ ଲାଞ୍ଛନକୁ ସଠିକ୍ ବୋଲି ମନେକରି ନେଲେ ଓ ବ୍ୟକ୍ତିଗତ ସ୍ୱଭାବରୁ ଉପକୃତ ହୋଇ ଅବ୍‌ଦୁଲ୍ଲାଃ ବିନ୍ ସବା ସହିତ ମିଶି ହ. ଅମ୍ମାର୍ ବିନ୍ ୟାସିର୍ର.ଅଙ୍କ ବିରୁଦ୍ଧରେ ଅଭିଯୋଗ ତଥା କ୍ଷୋଭ ଉପରେ ଜୋର ଦେଉଥିଲେ ।"

**(ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-4, ପୃ-280-281 ଏବଂ ପୃ- 283-284)**

ସେହିପରି ସିଫ୍ଫିନ୍ ଯୁଦ୍ଧ ସଂପର୍କରେ ହ. ଅମ୍ମାର୍ ବିନ୍ ୟାସିର୍ର.ଅ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତକାରୀମାନେ, ଧନ ଓ ସନ୍ତାନ ଆଡ଼କୁ ପ୍ରତ୍ୟାବର୍ତ୍ତନର ଅଭିଳାଷା ନରଖୁଥିବା ବ୍ୟକ୍ତିମାନେ କେଉଁଠି ଅଛନ୍ତି? ତେବେ ଆପଣର.ଅଙ୍କ ନିକଟକୁ ଦଳେ ଲୋକମାନଙ୍କର ଗୋଷ୍ଠୀ ଆସିଗଲା । ହ. ଅମ୍ମାର୍ର.ଅ ସେମାନଙ୍କୁ ସମ୍ବୋଧିତ କରି କହିଲେ, ହେ ଲୋକମାନେ ! ମୋ ସହିତ ସେହି ଲୋକମାନଙ୍କ ଆଡ଼କୁ ଚାଲ ଯେଉଁମାନେ ହ. ଉସ୍‌ମାନ୍ ବିନ୍ ଅଫ୍‌ଫାନର.ଅଙ୍କ ହତ୍ୟାର ପ୍ରତିଶୋଧ ନେବା ନିମନ୍ତେ ଦାବି କରୁଛନ୍ତି ଏବଂ ସେମାନେ ଭାବୁଛନ୍ତି ଯେ, ହ. ଉସମାନ୍ର.ଅ ନିଷ୍ପେଷିତ ଭାବରେ ଶହୀଦ ହୋଇଛନ୍ତି । ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ! ସେମାନେ ହ. ଉସମାନ୍ର.ଅଙ୍କ ହତ୍ୟାର ଦାବି କରୁ ନାହାନ୍ତି ବରଂ ସେହି ଲୋକମାନେ ସଂସାରର ସ୍ୱାଦ ଚାଖି ନେଇଛନ୍ତି । ଏଠାରେ ବର୍ତ୍ତମାନ ଆମେମାନଙ୍କୁ ହୃଦବୋଧ ହେଲା ଯେ, ସତ୍ୟ ସେମାନଙ୍କ ସହିତ ହିଁ ସଂଶ୍ଳିଷ୍ଟ ହୋଇଗଲା । ତେବେ ସେହି ଅଧିକାର ସେମାନଙ୍କ ମଧ୍ୟରେ ଓ ସେମାନଙ୍କର ସାଂସାରିକ ପ୍ରସଙ୍ଗ ମଧ୍ୟରେ ଛିଡ଼ା ହୋଇଯିବ ଏବଂ ସେହି ଲୋକମାନଙ୍କୁ ଇସଲାମ୍ ଧର୍ମରେ କୌଣସି ପ୍ରତିସ୍ପର୍ଦ୍ଧିତ ପ୍ରାପ୍ତ ହୋଇ ନାହିଁ ଯେ, ସେମାନେ ଅମୀର ଓ ଆଜ୍ଞାବହର ଅଧିକାରୀ ହେବେ । ତେଣୁ ସେହେି ଲୋକମାନଙ୍କୁ ତ' କୌଣସି ପ୍ରାଧାନ୍ୟ ଓ ପ୍ରସିଦ୍ଧି ପ୍ରାପ୍ତ ହୋଇ ନାହିଁ ଯେ, ସେମାନଙ୍କୁ ଅମୀର କରାଯାଉ। ସେଇଥିପାଇଁ ସେମାନେ ଉପଦ୍ରବ ସୃଷ୍ଟି କରୁଛନ୍ତି । ସେହି ଲୋକମାନେ ନିଜର ଅନୁଗାମୀମାନଙ୍କୁ ଏହା କହି ପ୍ରତାଡ଼ିତ କରିଛନ୍ତି ଓ ଛଳନା କରିଛନ୍ତି ଯେ, ଆମର ଇମାମ୍ ନିଷ୍ପେଷିତ ଅଟନ୍ତି ତାଙ୍କୁ ନିରୀହ ଓ ନିର୍ମମ ଭାବରେ ହତ୍ୟା କରି ଦିଆଯାଇଛି । କାରଣ ଏହି ଲୋକମାନେ ହ. ଉସମାନ୍ର.ଅଙ୍କ ପ୍ରତିଶୋଧର ଦାବି ନକରନ୍ତି ତେବେ ଲୋକମାନଙ୍କ ମଧ୍ୟରୁ ଦୁଇ ଜଣ ଲୋକ ବି ସେମାନଙ୍କର ଅନୁକରଣ କରିବେ ନାହିଁ ।

ପୁନଶ୍ଚ ଆପଣର.ଅ କହିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ଯଦି ଆମ୍ଭଙ୍କୁ ସାହାଯ୍ୟ କର ଯେପରିକି ତୁମ୍ଭେ ଅନେକ ଥର ଆମ୍ଭମାନଙ୍କର ସାହାଯ୍ୟ କରିଅଛ । ଯଦି ତୁମ୍ଭେ ସେମାନଙ୍କୁ ସେମାନଙ୍କ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ କରିଦିଅ ତେବେ ତାହା ସେମାନଙ୍କ ପାଇଁ ଏହି କାରଣରୁ ନୁହେଁ ଯେ, ସେମାନେ ତୁମ୍ଭର ଭକ୍ତଙ୍କ ମଧ୍ୟରେ ନୂତନ କଥା ଓ ପ୍ରଥା ସୃଷ୍ଟି କରିଦେଇଛନ୍ତି । ବରଂ ତୁମ୍ଭେ ସେମାନଙ୍କ ପାଇଁ ଶାସ୍ତି ଏକତ୍ରିତ କରି ରଖିଛ । **(ତାରିଖେ ତବ୍ରୀ, ଭାଗ-3, ପୃ-98, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1987 ମସିହା)**

ମୁହମ୍ମଦ ବିନ୍ ଅମ୍ର ଆଦି ବର୍ଣ୍ଣନା କରନ୍ତି ଯେ, ସିଫ୍ଫିନ୍ ଯୁଦ୍ଧରେ ଘମାଘୋଡ଼ ଯୁଦ୍ଧ ଚାଲିଥିଲା ଓ ଉଭୟ ପକ୍ଷ ସମାପ୍ତ ହୋଇଯିବାର ଆଶଙ୍କ ଘନେଇଥିଲା । ମୁଆୱିୟା ଏହା କହିଲା ଯେ, ଏହା ହେଉଛି ସେହି ଦିନ ଯହିଁରେ ଆରବୀୟମାନେ ଶେଷ ହୋଇଯିବେ । କିନ୍ତୁ ସେମାନଙ୍କୁ ସେହି ଦାସ ଅର୍ଥାତ ଅମ୍ମାର୍ ବିନ୍ ୟାସିର୍ଙ୍କ ଦୋଷ ଦୁର୍ବଳତା ଯୋଗୁଁ ଅର୍ଥାତ ହ. ଅମ୍ମାର୍ର.ଅଙ୍କୁ ଶହୀଦ୍ କରିଦିଆଯିବ । ତିନି ଦିନ ଓ ତିନି ରାତ୍ର ଧରି ଘମାଗୋଡ଼ ଯୁଦ୍ଧ ଚାଲିଲା । ତୃତୀୟ ଦିନ ହ. ଅମ୍ମାର୍ର.ଅ ହାଶିମ୍ ବିନ୍ ଉତ୍‌ବା ବିନ୍ ଅବି ୱକ୍କାସ୍‌ଙ୍କୁ କହିଲେ, ଯାହାଙ୍କ ନିକଟରେ ସେଦିନ ଧ୍ୱଜା ରହିଥିଲା କି ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ଆପଣ ମୋତେ ସାଙ୍ଗରେ ନେଇ ଚାଲନ୍ତୁ । ହାଶିମ୍ କହିଲେ, ହେ ଅମ୍ମାର୍ ! ଆପଣର.ଅଙ୍କ ଉପରେ ପ୍ରଭୁଙ୍କ କୃପାବତୀର୍ଣ୍ଣ ହେଉ । ଆପଣ ଏଭଳି ବ୍ୟକ୍ତି ଅଟନ୍ତି ଯେ, ଯୁଦ୍ଧ ଆପଣଙ୍କୁ ହାଲୁକା ତୁଚ୍ଛ ବୋଲି ମନେକରୁଛି । ମୁଁ ଧ୍ୱଜା ଏହି ଆଶା ରଖି ନେଇଯିବି ଯେ, ସେହି ଧ୍ୱଜା ମାଧ୍ୟମରେ ମୁଁ ସାଫଲ୍ୟ ମଣ୍ଡିତ ହେବି । ମୁଁ ଯଦି ଦୁର୍ବଳତା ପ୍ରଦର୍ଶନ କରେ ତେବେ ତଥାପି ମୁଁ ମୃତ୍ୟୁରୁ ସୁରକ୍ଷିତ ନୁହେଁ । ସେ ନିରନ୍ତର ଭାବରେ ତାଙ୍କ ସହିତ ରହିଲେ । ଏପର୍ଯ୍ୟନ୍ତକି ସେ ତାଙ୍କୁ ନିଜ ସହିତ ଅଶ୍ୱ ଉପରେ ଆରୋହଣ କରାଇ ନେଲେ । ପୁନଶ୍ଚ ହ. ଅମ୍ମାର୍ର.ଅ ନିଜ ସୈନ୍ୟବାହିନୀରେ ଛିଡ଼ା ହେଲେ । ଜୁଲ୍ କିଲା ଠାରେ ନିଜର ସୈନ୍ୟବାହିନୀ ସହିତ ସେମାନଙ୍କ ବିରୁଦ୍ଧରେ ମୁକାବିଲା କରିବା ନିମନ୍ତେ ଛିଡ଼ା ହେଲେ । ସେହି ଦୁହେଁ ପରସ୍ପର ମଧ୍ୟରେ ଯୁଦ୍ଧ କଲେ ଓ ନିହତ ହେଲେ । ଉଭୟଙ୍କ ସୈନ୍ୟ ସାମନ୍ତଙ୍କର ବିଲୟ ହେଲା ଅର୍ଥାତ ନିପାତ ହେଲେ ।

ହ. ଅମ୍ମାର୍ର.ଅଙ୍କ ଉପରେ ହୱେଁ ସକ୍‌ସକି ଓ ଅବୁ ଗାଦିୟା ମୁଜନି ଆକ୍ରମଣ କଲେ ଏବଂ ଦୁହେଁ ଆପଣର.ଅଙ୍କୁ ଶହୀଦ୍ କରିଦେଲେ । ଅବୁଲ୍ ଗାଦିୟାଙ୍କୁ ଯେତେବେଳେ ପଚରାଗଲା ଯେ, ସେ ଅମ୍ମାରଙ୍କୁ କିପରି ଶହୀଦ୍ କଲେ ? ସେତେବେଳେ ସେ କହିଲେ ଯେ, ଅମ୍ମାର ଯେତେବେଳେ ନିଜର ସୈନ୍ୟ ବାହିନୀଙ୍କ ସହିତ ଆମର ନିକଟବର୍ତ୍ତୀ ହେଲେ ଓ ଆମେମାନେ ତାଙ୍କ ନିକଟବର୍ତ୍ତୀ ହେଲୁ ସେତେବେଳେ ସେ ଡାକ ମାରିଲେ ଯେ, କେହି ସଂଗ୍ରାମକାରୀ ଅଛି କି ଯିଏ ଆମ ସହିତ ମୁକାବିଲା କରିବ ? ସକାସିକ୍ ୟମନ୍‌ର ଏକ ସଂପ୍ରଦାୟର ନାମ ଅଟେ, ସେହି ସଂପ୍ରଦାୟରୁ ଜଣେ ବ୍ୟକ୍ତି ବାହାରି ଆସିଲା । ଉଭୟ ପରସ୍ପର ଉପରକୁ ଖଡ଼୍‌ଗ ଦ୍ୱାରା ପ୍ରହାର କଲେ । ପୁନଶ୍ଚ ହ. ଅମ୍ମାରର.ଅ ସକ୍‌ସକିକୁ ବଧ କରିଦେଲେ । ପୁନଶ୍ଚ ସେ ଡାକିଲେ ଯେ, ବର୍ତ୍ତମାନ ଆଉ କିଏ ରହିଛି ଯିଏ ଯୁଦ୍ଧ କରିବାକୁ ଇଚ୍ଛା ପ୍ରକାଶ କରୁଛି ? ହମିର୍ ୟମନ୍‌ର ଏକ ସଂପ୍ରଦାୟର ନାମ ଅଟେ, ସେହି ସଂପ୍ରଦାୟରୁ ମଧ୍ୟ ଜଣେ ବ୍ୟକ୍ତି ମୁକାବିଲା କରିବା ନିମନ୍ତେ ଗଲା। ଉଭୟେ ଉଭୟଙ୍କ ଉପରକୁ ଖଡ଼ଗ ଚାଳନା କଲେ । ହ. ଅମ୍ମାରର.ଅ ହମିର୍‌କୁ ମଧ୍ୟ ବଧ କରିଦେଲେ । ହମିର୍ ହ. ଅମ୍ମାରର.ଅଙ୍କୁ ଆହତ କରିଦେଇଥିଲା । ପୁନଶ୍ଚ ହ. ଅମ୍ମାରର.ଅ ଡାକ ମାରିଲେ ଯେ, ଆଉ କେହି ଅଛି ଯିଏ ମୋ ସହିତ ମୁକାବିଲା କରିବାକୁ ଇଚ୍ଛୁକ ? ମୁଁ ତାଙ୍କ ଆଡ଼କୁ ଧାଇଁଗଲି । ଅର୍ଥାତ ଦାସ କହୁଛି ଆମେ ଦୁହେଁ ପରସ୍ପର ଉପରେ ଖଡ଼୍‌ଗ ଚାଳନା କଲୁ । ଅମ୍ମାରଙ୍କ ହସ୍ତ ଦୁର୍ବଳ ହୋଇଯାଇଥିଲା। ମୁଁ ତାଙ୍କ ଉପରେ ଜୋର୍‌ରେ ଦ୍ୱିତୀୟ ପ୍ରହାର କଲି । ଫଳତଃ


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday31-AUGUST 2023 Issue No.-35

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସେ ଭୂମି ଉପରେ ପଡ଼ିଗଲେ । ପୁନଶ୍ଚ ଏହାପରେ ମୁଁ ତାଙ୍କ ଉପରେ ଏଭଳି ତୀକ୍ଷ୍ଣ ପ୍ରହାର କଲି ଯେ, ସେ ଶୀତଳ ପଡ଼ିଗଲେ (ଅର୍ଥାତ ତାଙ୍କର ପ୍ରାଣ ବାୟୁ ଉଡ଼ିଗଲା) । ବର୍ଣ୍ଣନାକାରୀ କୁହନ୍ତି ଯେ, ହ. ଅମ୍ମାରର.ଅଙ୍କୁ ଯେତେବେଳେ ଶହୀଦ୍ କରାଗଲା ସେତେବେଳେ ହ. ଅଲୀର.ଅ କହିଲେ ଯେ, ମୁସଲମାନମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ହ. ଅମ୍ମାର୍ ବିନ୍ ୟାସିର୍‌ଙ୍କ ଶାହାଦତ୍‌କୁ ସାଧାରଣ ବୋଲି ବିଚାର କରେ ଓ ସେ ତାଙ୍କ ଶାହାଦତ୍ ଯୋଗୁଁ ମର୍ମାହତ ହୁଏ ନାହିଁ ତେବେ ସେହି ବ୍ୟକ୍ତି ଅଣମାର୍ଗଦର୍ଶନ ପ୍ରାପ୍ତ ବ୍ୟକ୍ତି ଅଟେ ।

ଅମ୍ମାରର.ଅ ଯେଉଁ ଦିନ ଠାରୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେହି ଦିନ ଠାରୁ ତାଙ୍କ ଉପରେ ଅଲ୍ଲାଃତାଲା ଦୟାବତୀର୍ଣ୍ଣ ଓ ତାଙ୍କ ଉପରେ କୃପା କରନ୍ତୁ । ଯେତେବେଳେ ରସୁଲୁଲ୍ଲାଃସ.ଅଙ୍କ ଚାରି ଜଣ ସାହାବିଙ୍କର ଚର୍ଚ୍ଚା କରାଯାଉଥିଲା ସେତେବେଳେ ହ. ଅମ୍ମାରର.ଅ ତନ୍ମଧ୍ୟରୁ ଚତୁର୍ଥ ବ୍ୟକ୍ତି ଅଟନ୍ତି । ପୁନଶ୍ଚ ଯେତେବେଳେ ପାଞ୍ଚ ଜଣ ବ୍ୟକ୍ତିଙ୍କର ଚର୍ଚ୍ଚା ହେଉଥିଲା ସେତେବେଳେ ହ. ଅମ୍ମାରର.ଅ ତନ୍ମଧ୍ୟରୁ ପଞ୍ଚମ ବ୍ୟକ୍ତି ଅଟନ୍ତି ।

ହ. ଅମ୍ମାର୍ ବିନ୍ ୟାସିର୍ ରସୁଲୁଲ୍ଲାଃସ.ଅଙ୍କ ପୁରାତନ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । କୌଣସି ଜଣେ କିମ୍ବା ଦୁଇ ଜଣ ବ୍ୟକ୍ତିକୁ ମଧ୍ୟ ତହିଁରେ ସନ୍ଦେହ ନଥିଲା ଯେ, ହ. ଅମ୍ମାରର.ଅଙ୍କ ପାଇଁ ଅନେକ ଅବସରରେ ବୈକୁଣ୍ଠ ଅନିର୍ବାର୍ଯ୍ୟ ହୋଇଯାଇଥିଲା । ସୁତରାଂ ହ. ଅମ୍ମାର୍ର.ଅଙ୍କୁ ବୈକୁଣ୍ଠ ପ୍ରାପ୍ତ ହେବା ଯୋଗୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଏବଂ ତାଙ୍କ ସଂକ୍ରାନ୍ତରେ ଏହା କୁହାଯାଇଛି ଯେ, ଅମ୍ମାର ସତ୍ୟ ସହିତ ଥିଲେ ଓ ସତ୍ୟ ହ. ଅମ୍ମାରଙ୍କ ସହିତ ଥିଲା । ହ. ଅମ୍ମାର୍ ଯେଉଁଠି ବି ଯିବେ ସତ୍ୟର ସହିତ ଯିବେ । କିନ୍ତୁ ହ. ଅମ୍ମାରଙ୍କ ହତ୍ୟାକାରୀ ନର୍କଗାମୀ ଅଟେ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ- 197-198, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1990 ମସିହା)**

ସଇଦ୍ ବିନ୍ ଅବ୍‌ଦୁର ରହେମାନ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ହ. ଉମର୍ ବିନ୍ ଖତ୍ତାବ୍ର.ଅଙ୍କ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲା ଯେ, ହେ ଅମୀରୁଲ୍ ମୁମିନିନ୍ ମୁଁ ଜୁମ୍ବି (ଅଶୁଚ ବା ଅପବିତ୍ର) ଅଟେ ଓ ମୋତେ ଜଳ ମିଳିଲା ନାହିଁ । ତେବେ ହ. ଅମ୍ମାର ୟାସିର୍ର.ଅ ହ. ଉମର୍ ବିନ୍ ଖତ୍ତାବ୍ର.ଅଙ୍କୁ କହିଲେ, ହେ ଅମୀରୁଲ୍ ମୁମିନିନ୍ ! କ'ଣ ଆପଣର.ଅଙ୍କୁ ଜ୍ଞାତ ନାହିଁ ଯେ, ଆମେମାନେ ଅର୍ଥାତ ମୁଁ ଓ ଆପଣ ଏକ ଯାତ୍ରାରେ ଥିଲୁ । ଆପଣର.ଅ ତ' ନମାଜ ପଢିଲେ ନାହିଁ କିନ୍ତୁ ମୁଁ ମାଟିରେ ପଶୁମାନଙ୍କ ପରି ଲୋଟିଲି ଓ ନମାଜ ପଢିନେଲି। ଅର୍ଥାତ ଜଳ ନମିଳିବାରୁ ତୟମ୍ମୁମ୍ କଲି । ମୁଁ ନବୀ କରୀମ୍ ସ.ଅଙ୍କ ନିକଟରେ ଏହି ଘଟଣାର ଚର୍ଚ୍ଚା ଯେତେବେଳେ କଲି ସେତେବେଳେ ଆପଣସ.ଅ କହିଲେ, ହେ ଅମ୍ମାର୍ ! ତୁମ ପାଇଁ କେବଳ ଏତିକି ହିଁ ଯଥେଷ୍ଟ ଥିଲା । ଅର୍ଥାତ ଆଁହଜରତ ସ.ଅ ଭୂମି ଉପରେ ନିଜର ହସ୍ତ ସ୍ପର୍ଶ କରି ହ. ଅମ୍ମାରର.ଅଙ୍କୁ ଦେଖାଇଲେ ଯେ, ତୟମ୍ମୁମ୍ କିପରି ହୁଏ ଓ କିପରି କରିବା ଉଚିତ୍ ? ପୁନଶ୍ଚ ଆପଣସ.ଅ ହ. ଉମର୍ର.ଅ ଓ ହ. ଅମ୍ମାରର.ଅଙ୍କ ଉପରେ ଫୁଙ୍କ ମାରିଲେ ଏବଂ ନିଜର ମୁଖମଣ୍ଡଳ ଓ ଉଭୟ ହସ୍ତର ମସାହ୍ କଲେ । **(ସହୀ ବୁଖାରୀ, କିତାବୁଲ୍ ତୟମ୍ମୁମ୍, ବାବୁ ତୟମ୍ମୁମ୍, ହଲ୍ ୟନ୍‌ଫୁଖୁ ଫିହା, ହଦିସ୍ ନଂ-338)**

ଅବୁ ୱାଏଲ୍ କୁହନ୍ତି ଯେ, ହ. ଅମ୍ମାର୍ ବିନ୍ ୟାସିର୍ର.ଅ ଆମମାନଙ୍କୁ ଖୁତ୍‌ବା ଦେଲେ ଓ ସଂକ୍ଷିପ୍ତ ଖୁତ୍‌ବା ଦେଲେ । କିନ୍ତୁ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଖୁତ୍‌ବା ଦେଲେ। ଯେତେବେଳେ ସେ ମିମ୍ବର୍ (ମଞ୍ଚ) ଉପରୁ ତଳକୁ ଓହ୍ଲାଇଲେ ସେତେବେଳେ ଆମେମାନେ କହିଲୁ, ହେ ଅବୁ ୟକ୍‌ଜାନ୍ ! ଆପଣର.ଅ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷଣ ଦେଲେ । କିନ୍ତୁ ସଂକ୍ଷିପ୍ତ ଭାଷଣ ଦେଲେ । ଆପଣର.ଅ ସେହି ଭାଷଣକୁ ଦୀର୍ଘ କାହିଁକି କଲେ ନାହିଁ । ପ୍ରତ୍ୟୁତ୍ତରରେ ସେ କହିଲେ, ମୁଁ ରସୁଲୁଲ୍ଲାଃସ.ଅଙ୍କୁ କହୁଥିବାର ଶୁଣିଲି ଯେ, ବିଶ୍ୱାସକାରୀ ବ୍ୟକ୍ତିର ଦୀର୍ଘୋତ୍ତରମୂଳକ ନମାଜ ଏବଂ ସଂକ୍ଷିପ୍ତ ଭାଷଣ ତା'ର ବୁଦ୍ଧିମତାର ପରିଚାୟକ ଅଟେ । ସୁତରାଂ ତୁମେମାନେ ଦୀର୍ଘ ନମାଜ ପାଠ କର ଓ ସଂକ୍ଷିପ୍ତ ଭାଷଣ ଦିଅ । ନିଃସନ୍ଦେହ ରୂପେ କେତେକ ସଂକ୍ଷିପ୍ତମୂଳକ ଭାଷଣ ବା ବର୍ଣ୍ଣନା ଇନ୍ଦ୍ରଜାଲ (ଯାଦୁବିଦ୍ୟା) ହୋଇଥାଏ (ଅର୍ଥାତ ଅତି ସୁନ୍ଦର ହୋଇଥାଏ) । **(ସହି ମୁସ୍‌ଲିମ୍, କିତାବୁଲ୍ ଜୁମା, ବାବୁ ତଖ୍‌ଫିଫିସ୍ ସଲାତୁଲ୍ ଖୁତ୍‌ବତା, ହଦିସ୍ ନଂ-2009)**

ହସ୍ସାନ୍ ବିନ୍ ବିଲାଲ୍ର.ଅ କୁହନ୍ତି ଯେ, ମୁଁ ଅମ୍ମାର ବିନ୍ ୟାସିର୍ର.ଅଙ୍କୁ ଦେଖିଲି ଯେ, ସେ ଯେତେବେଳେ ୱଜୁ (ହସ୍ତ ପଦାଦିର ପ୍ରେକ୍ଷାଳନ) କଲେ ସେତେବେଳେ ନିଜ ଦାଢିର ଖିଲାଲ୍ କଲେ । ଅର୍ଥାତ ଦାଢିରେ ଆଙ୍ଗୁଠି ଫେରିଲେ । ତାଙ୍କୁ କୁହାଗଲା କିମ୍ବା ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ତାଙ୍କୁ କହିଲି, ହେ ଅମ୍ମାର୍ ! କ'ଣ ଆପଣ ନିଜର ଦାଢିରେ ଖିଲାଲ୍ କରୁଛନ୍ତି ? ପ୍ରତ୍ୟୁତ୍ତରରେ ସେ ଉତ୍ତର ଦେଲେ ଯେ, ମୁଁ ଦାଢିରେ ଖିଲାଲ୍ କାହିଁକି କରିବି ନାହିଁ ? କାରଣ ମୁଁ ନବୀ କରୀମ୍ସ.ଅଙ୍କୁ ଦାଢିରେ ଖିଲାଲ୍ କରୁଥିବାର ଦେଖିଛି । **(ଜାମେ ତିର୍ମିଜି ଅବ୍‌ୱାବୁଲ୍ ମନାକିବି, ଅନ୍ ରସୁଲୁଲ୍ଲାଃହି ସ.ଅ, ହଦିସ୍ ନଂ-3888)**

ହୁଜୁର୍ଅ.ବ କହିଲେ ଏ ତ' ଥିଲା ସାହାବାମାନଙ୍କର କିଞ୍ଚିତ ଚର୍ଚ୍ଚା । ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ଚର୍ଚ୍ଚା ହେବ ।

ଖୁତ୍‌ବାର ଶେଷରେ ହୁଜୁର ଅନ୍‌ୱର୍ଅ.ବ କହିଲେ, ଏକ ଦୁଃଖଦାୟକ ସୂଚନା ରହିଛି । ପ୍ରାପ୍ତ ସୂଚନା ଅନୁସାରେ ବୁର୍କିନାଫାସୋ ଠାରେ ଗତ ବୁଧବାର ଦିନ ୯ ଜଣ ନିରୀହ ଅହେମଦିଙ୍କୁ ଅତି ନିର୍ମମ ଭାବରେ ଶହୀଦ୍ କରି ଦିଆଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ହୁଜୁର ଅନୱର୍ଅ.ବ କହିଲେ ସେହି ବୀରଗତି ପ୍ରାପ୍ତ କିରଥିବା ଅହେମଦିମାନଙ୍କ ପାଇଁ ଏହା ଏକ ଅଗ୍ନୀ ପରୀକ୍ଷା ଥିଲା। ଯେଉଁ ପରୀକ୍ଷାରେ ସେମାନେ ଅବିଚଳତା ପ୍ରଦର୍ଶନ କରି ଉତ୍ତୀର୍ଣ୍ଣ ହୋଇଛନ୍ତି । ଦୁର୍ବୃତ୍ତମାନେ କେବଳ ଆଖିବୁଜା ଗୁଳି ଚାଳନା କରିଥିଲେ ତାହା ନୁହେଁ । ବରଂ ଜଣ ଜଣଙ୍କୁ ଡାକି ଗୁଳି କରି ଶହୀଦ୍ କରାଯାଇଥିଲା । ଉକ୍ତ ଘଟଣାର ସୂଚନା ବର୍ତ୍ତମାନ ଧୀରେ ଧୀରେ ପ୍ରାପ୍ତ ହେଉଛି କିନ୍ତୁ ଏହାର ଆହୁରି ସ୍ପଷ୍ଟ ସୂଚନା ମଧ୍ୟ ମୋ ନିକଟକୁ ପତ୍ର ଆକାରରେ ହସ୍ତଗତ ହେଉଅଛି ଯାହାର ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ମୁଁ ଆସନ୍ତା ଖୁତ୍‌ବାରେ ଚର୍ଚ୍ଚା କରିବି ।

ହୁଜୁର ଅନୱର୍ଅ.ବ ସମସ୍ତ ଶୋହଦାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବୈକୁଣ୍ଠରେ ସେମାନଙ୍କର ସ୍ତର ଉନ୍ନୀତ ହେବା ନିମନ୍ତେ ପ୍ରାର୍ଥନା କଲେ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ପାଇଁ ଆହ୍ୱାନ ଜଣାଇ କହିଲେ, ବୁର୍କିନାଫାସୋର ପରିସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସଂକଟାପନ୍ନ ରହିଛି । ଆତଙ୍କବାଦୀ ଗୋଷ୍ଠୀ ଅହେମଦିମାନଙ୍କୁ ଧମକ ଦେଇ ଯାଇଛନ୍ତି ଯେ, ଯଦି ମସ୍‌ଜିଦ୍ ଆଉଥରେ ଖୋଲ ତେବେ ଭୟଙ୍କର ପରିଣାମ ଦେଖିବ। ତେଣୁ ଆପଣମାନେ ସମସ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅନିଷ୍ଟତା ଏବଂ ଉପଦ୍ରବତା ଠାରୁ ଅହେମଦିମାନଙ୍କୁ ରକ୍ଷା କରନ୍ତୁ । ଆମିନ୍ ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ...........

ଆନ୍ଧ୍ର ପ୍ରଦେଶ ୱକଫ୍ ବୋର୍ଡ଼ ଜମିଅତୁଲ୍ ଉଲମା ହିନ୍ଦର ଏକ ଫତୱା (ଧର୍ମାଜ୍ଞା) ଆଧାରରେ ଜମାଅତ୍ ଅହେମଦିୟାକୁ ଅଣମୁସଲମାନ ବା କାଫିର୍ (ଅବିଶ୍ୱାସକାରୀ)ସଂପ୍ରଦାୟ ବିବେଚିତି କରିଦେଇଛି । ଯାହାକି ୱକଫ ବୋର୍ଡ଼ର ନିୟମ ବିରୁଦ୍ଧୀୟ ଅଟେ । ତେଣୁ ମୁସଲମାନମାନଙ୍କୁ ଏହା ସ୍ୱୀକାର କରିବାକୁ ବାଧ୍ୟ କରାଯାଉ ଯେ, ଅହେମଦିମାନେ ମଧ୍ୟ ମୁସଲମାନ ଅଟନ୍ତି । ସଂଖ୍ୟାଲଘୁ ସଂପ୍ରଦାୟର ମନ୍ତ୍ରାଳୟରେ କରାଯାଇଥିବା ପ୍ରତିନିଧିତ୍ୱ ସଭାରେ 2012 ମସିହାରେ ଅବିଭାଜିତ ଆନ୍ଧ୍ର ପ୍ରଦେଶର ୱକଫ୍ ବୋର୍ଡ଼ ପକ୍ଷରୁ ସ୍ୱୀକୃତ ପ୍ରାପ୍ତ ଅନୁବନ୍ଧ ପତ୍ରର ମଧ୍ୟର ପ୍ରାମାଣ୍ୟ ଉପସ୍ଥାପିତ କରାଯାଇଛି । ଯହିଁରେ ୱକଫ୍ ବୋର୍ଡ଼ ମିର୍ଜା ଗୁଲାମ୍ ଅହେମଦ କାଦିଆନୀଙ୍କ ଅନୁଗାମୀଙ୍କୁ ମୁସଲମାନମାନେ ବୋଲି ମନେ କରି ନଥିଲେ । (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ..........)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan